
ଧରିତ୍ରୀ
DHARITRI
May 11-17, 2025 ₹ 2/-
ଧରିତ୍ରୀ 51 Years

# ଛୁଟିଦିନ



# ମା'
# ସର୍ବଂସହା

ସନ୍ତାନ ପାଇଁ ଯିଏ ସବୁ କଷ୍ଟ ସହିପାରେ ଓ ତା'ର ଟେନାଏ ହସ ଦେଖି ଯିଏ ସବୁ ଭୁଲିଯାଏ ସେ ହେଉଛି ମା'। ସନ୍ତାନର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ନିଜର ଶାରୀରିକ ଅକ୍ଷମତା ତାକୁ ଦୁର୍ବଳ କରିପାରେନା ବରଂ ସେ ଆହୁରି ସଶକ୍ତ ହୁଏ ସନ୍ତାନ ପାଇ...

୩
ପ୍ରଚ୍ଛଦ ପ୍ରସଙ୍ଗ

# ଘରେ ୱାଟର୍ ଫାଉଣ୍ଟେନ୍ ରଖୁଥିଲେ

**ୱାଟର୍ ଫାଉଣ୍ଟେନ୍ କେବଳ ଘରର ସୌନ୍ଦର୍ଯ୍ୟ ବୃଦ୍ଧି କରେନାହିଁ, ବାସ୍ତୁଶାସ୍ତ୍ର ଅନୁଯାୟୀ ଏହା ଘର ପାଇଁ ଅନେକ ଖୁସି ବି ଆଣିଥାଏ। କାରଣ ୱାଟର୍ ଫାଉଣ୍ଟେନ୍‌ରୁ ଝରୁଥିବା ପାଣିକୁ ଧନ, ସମୃଦ୍ଧି ତଥା ଐଶ୍ୱର୍ଯ୍ୟର ପ୍ରତୀକ ବୋଲି କୁହାଯାଏ। ତେବେ ଏହି ୱାଟର୍ ଫାଉଣ୍ଟେନ୍‌କୁ ଘରର କେଉଁ ଦିଗରେ ରଖିଲେ କି ଫଳ ମିଳିଥାଏ ଜାଣନ୍ତୁ ସେ ସମ୍ପର୍କରେ...**



✲ ପୂର୍ବ ଦିଗକୁ ନୂତନ ଆରମ୍ଭ ବା ନୂଆ ଅବସରର ଦିଗ ବୋଲି କୁହାଯାଏ। ତେଣୁ ଏହି ଦିଗରେ ୱାଟର୍ ଫାଉଣ୍ଟେନ ରଖିଲେ ଘରେ ସମୃଦ୍ଧି ବୃଦ୍ଧି ହୋଇଥାଏ ବୋଲି ବିଶ୍ୱାସ ରହିଛି।

✲ ଯେହେତୁ ଉତ୍ତର ଦିଗର ସ୍ୱାମୀ ହେଲେ ଭଗବାନ କୁବେର ଏବଂ ପୂର୍ବ ଦିଗର ସ୍ୱାମୀ ହେଲେ ଭଗବାନ ସୂର୍ଯ୍ୟ। ତେଣୁ ଏହି ଦୁଇ ଦିଗରେ ୱାଟର୍ ଫାଉଣ୍ଟେନ୍ ରଖିବା ଶୁଭ ହୋଇଥାଏ।

✲ କିନ୍ତୁ ଭୁଲ୍‌ରେ ବି ଦକ୍ଷିଣ କିମ୍ବା ପଶ୍ଚିମ ଦିଗରେ ୱାଟର୍ ଫାଉଣ୍ଟେନ୍ ଲଗାଇବା କିମ୍ବା ରଖିବା ଠିକ୍ ନୁହେଁ। କାରଣ ଦକ୍ଷିଣ ଦିଗର ସ୍ୱାମୀ ହେଲେ ପ୍ରଭୁ ଯମରାଜ ଏବଂ ପଶ୍ଚିମ ଦିଗର ଦେବତା ହେଲେ ଶନିଦେବ। ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି ଯେ, ଯଦି ଏହି ଦୁଇ ଦିଗରେ ୱାଟର୍ ଫାଉଣ୍ଟେନ୍ ଲଗାଯାଏ ; ତା'ହେଲେ ଗୃହରେ ସର୍ବଦା ଅଶାନ୍ତି ଲାଗି ରହିଥାଏ।

✲ ୱାଟର୍ ଫାଉଣ୍ଟେନ୍‌କୁ ସର୍ବଦା ସଫାସୁତୁରା ରଖିବା ଦରକାର। ତା'ସହିତ ଧ୍ୟାନ ଦେବେ ୱାଟର୍ ଫାଉଣ୍ଟେନ୍‌ର କୌଣସି ସ୍ଥାନ ଯେମିତି ଭାଙ୍ଗି ଯାଇ ନଥିବ। ଅଥବା ଅହରହ ପାଣି ବୋହିବା ଯେମିତି ବନ୍ଦ ହେଉ ନଥିବ। ନଚେତ୍ ଏହାର ଅନେକ କୁପ୍ରଭାବ ଘରର ଉନ୍ନତି ଉପରେ ପଡିଥାଏ ବୋଲି ବିଶ୍ୱାସ କରାଯାଏ।

✲ ଦୁଇଟି ୱାଟର୍ ଫାଉଣ୍ଟେନ୍‌କୁ ସାମ୍ନାସାମ୍ନି ରଖିବା ବି ଠିକ୍ ନୁହେଁ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର


ମେ ୧୧-୧୭, ୨୦୨୫

### ମେଷ



ଯାତ୍ରା ଶୁଭପ୍ରଦ ହେବ, ଲକ୍ଷ୍ୟ ହାସଲ କରିବେ, ନୂତନ ବନ୍ଧୁ ସମ୍ପର୍କ ସୃଷ୍ଟି, ଋଣ ପରିଶୋଧ, ସନ୍ତାନ ହେତୁକ ଗୌରବ, ରାଜନୈତିକ ଆଲୋଚନା, ସଙ୍ଗୀତ ଚଳଚ୍ଚିତ୍ରରେ ସମସ୍ୟା, ବ୍ୟବସାୟିକ ଉତ୍କର୍ଷତା, ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି ॥

### ବୃଷ




ଆନୁଷ୍ଠାନିକ କାମରୁ ପ୍ରଶଂସା, ଆର୍ଥିକ ଦୂରବସ୍ଥା, ଯୁକ୍ତିତର୍କ ଲାଗିପାରେ, ବନ୍ଧୁଙ୍କ ବିରୋଧ, ଭ୍ରାତୃସମ୍ପର୍କ ବୃଦ୍ଧି, ସନ୍ତାନଙ୍କ ସ୍ୱାସ୍ଥ୍ୟହାନୀ, ରୋଗପୀଡା କମିବ, ନୂଆ ଯୋଜନା କରିବେ, ସମସ୍ୟାକୁ ସୁଧୁରି ଯିବ, କର୍ମକ୍ଷେତ୍ରରେ ଉଚ୍ଚସମ୍ମାନ, ଟେନସନ୍ କମିଯିବ ॥

### ମିଥୁନ



ସ୍ୱାସ୍ଥ୍ୟ ସମସ୍ୟାରୁ ବ୍ୟସ୍ତତା, ବିବାଦୀୟ ଘଟଣାର ଅବସାନ, ବିଭିନ୍ନ ସୂତ୍ରରୁ ରୋଜଗାର, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା, ଅସମ୍ପୂର୍ଣ୍ଣ କାମ ସମ୍ପୂର୍ଣ୍ଣ, ବନ୍ଧୁଦ୍ୱାରକୁ ଗମନ, ଯୋଜନାରେ ସଫଳତା, ପରୋକ୍ଷଶତ୍ରୁତାରୁ ଚିନ୍ତା, ଶୁଭଖବର ପାଇବେ ॥

### କର୍କଟ




ସାହାଯ୍ୟ ସହଯୋଗ ମିଳିବ, ଅର୍ଥର ଅଭାବ ରହିବନି, କାର୍ଯ୍ୟର ଅଗ୍ରଗତି, ଏକାଧିକ କାମରୁ ବ୍ୟସ୍ତତା, ମାନସିକ ଚାପର ସମ୍ମୁଖୀନ, ଖର୍ଚ୍ଚଭାର ଯୋଗୁ ଦୁଶ୍ଚିନ୍ତା, କ୍ରନିକ୍ ରୋଗରେ ପୀଡା, ସ୍ଥାନାନ୍ତର ଘଟିପାରେ ॥

### ସିଂହ



ବନ୍ଧୁଙ୍କ ସୁପରାମର୍ଶ, ବକେୟା ଅର୍ଥ ଆଦାୟ, ବିନିମୟ ସୂତ୍ରରେ ଦ୍ରବ୍ୟ ଲାଭ, ଭ୍ରମଣ ସୁଯୋଗ ଲାଭ, ଦେବ ଦର୍ଶନର ସୁଯୋଗ, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ, ତୀର୍ଥାଟନର ଆୟୋଜନ, ଆନୁଷ୍ଠାନିକ କାର୍ଯ୍ୟାରମ୍ଭ ॥

### କନ୍ୟା



ପାରିବାରିକ କଳହ, ଆର୍ଥିକ ଅନଟନ, ମିତ୍ରବନ୍ଧୁଙ୍କ ପରାମର୍ଶ, କର୍ମକ୍ଷେତ୍ରରେ ଦ୍ରୁତୋନ୍ନତି, ଆଶଙ୍କା ଦୂର ହେବ, ବିପଦ ମୁକ୍ତ ହେବେ, ଭ୍ରାତୃସମ୍ପର୍କ ବୃଦ୍ଧି, ଭ୍ରମଣର ସୁଯୋଗ ପାଇବେ, ପଦସ୍ଥ ବ୍ୟକ୍ତିଙ୍କ ସାନିଧ୍ୟ, ବାଣିଜ୍ୟରେ ଉନ୍ନତି ॥

### ତୁଳା



କର୍ମଜଞ୍ଜାଳ ବୃଦ୍ଧି, ମାନସିକ ଅସ୍ଥିରତା, କ୍ରନିକ୍ ରୋଗରେ ପୀଡା, ବକେୟାଅର୍ଥ ପ୍ରାପ୍ତି, ଜମିଜମା ବିବାଦ, ବନ୍ଧୁଙ୍କ ମଧ୍ୟସ୍ଥତା, ଖୋଜୁଥିବା ଜିନିଷ ପାଇବେ, ପରିସ୍ଥିତି ବଦଳିଯିବ, ନିଜ ଲୋକଙ୍କ ବିଶ୍ୱାସଘାତକତା, ସହକର୍ମୀଙ୍କ ପରାମର୍ଶ, ପାରିବାରିକ ଶାନ୍ତି ॥

### ବିଛା



ମାନସିକ ଅସ୍ଥିରତା, ବନ୍ଧୁଙ୍କ ପ୍ରତାରଣା, କାର୍ଯ୍ୟହାନୀରୁ ଅନୁତାପ, ପରିବାରର ସହଯୋଗ, ନୂତନ କର୍ମାରମ୍ଭ, ବ୍ୟବସାୟରେ ଉନ୍ନତି, ସନ୍ତାନଙ୍କ ସମସ୍ୟା, କ୍ରୀଡାପ୍ରିୟ ହେବେ, ଲକ୍ଷ୍ୟହୀନ ଯାତ୍ରା, ଧାରକରଜ କରିବେ, ଅତିଥି ଚର୍ଚ୍ଚାରୁ ଖୁସି ॥

### ଧନୁ




ଭୋଗ ବିଳାସର ପ୍ରାଚୁର୍ଯ୍ୟ, ପାରିବାରିକ ସୌଖ୍ୟ, ବୈଷୟିକ ଅଭିବୃଦ୍ଧି, ନୂତନ ଗୃହାରମ୍ଭ, ପରିବହନରେ ବିବାଦ, ଘରକୁ ବନ୍ଧୁ ଆସିବେ, ଧନହାନୀ ଘଟିପାରେ, ଦୈହିକ ଦୁର୍ବଳତା, କର୍ମକ୍ଷେତ୍ରରେ ମନ୍ଥରତା, ଧର୍ମାନୁଷ୍ଠାନର ନେତୃତ୍ୱ ॥

### ମକର



ଅତୀତ ଘଟଣାର ସମୀକ୍ଷା, ଅସୁସ୍ଥତାରୁ କାମ ସ୍ଥଗିତ, ଅଶୌଚ ଖବର ପାଇବେ, ବନ୍ଧୁଙ୍କ ସହ ଆଲୋଚନା, ଯାନାବାହନରେ ତ୍ରୁଟି, ଲେଖାପଢାରେ ଅଗ୍ରଗତି, ଋଣ ପରିଶୋଧ କରିବେ, ହିତୈଷୀଙ୍କ ପରାମର୍ଶ, ବିବାଦର ଅବସାନ, ଖର୍ଚ୍ଚଭାର ବୃଦ୍ଧି, ସଭାସମିତିକୁ ଆହ୍ୱାନ ॥

### କୁମ୍ଭ



ମନ ଆନ୍ଦୋଳିତ ରହିବ, ପରିବାରରେ ମନୋମାଳିନ୍ୟ, ଧର୍ମକାର୍ଯ୍ୟ ପାଇଁ ପ୍ରେରଣା, ବାଣିଜ୍ୟରେ ପ୍ରତିବନ୍ଧକ, ଗୃହସୀମା ବିବାଦ, ନିଜର ଲୋକଙ୍କୁ ଭୁଲ୍ ବୁଝିବେ, ଦୂରଯାତ୍ରା କରିବାକୁ ପଡିବ, ଦୁଃସାହସିକ ପଦକ୍ଷେପ, ସମସ୍ୟାକୁ ସୁଧାରି ନେବେ ॥

### ମୀନ



ଅସ୍ଥିରତା ଦୂର ହେବ, ବନ୍ଧୁଙ୍କ ସାହାଯ୍ୟ ପ୍ରତିଶ୍ରୁତି, ବିବାଦର ଅବସାନ, ପରିବାରରେ ଭୁଲ୍ ବୁଝାମଣା, ଆତ୍ମୀୟଙ୍କ ଅପପ୍ରଚାର, ପ୍ରଶାସନିକ ତତ୍ପରତା, ସାମ୍ବାଦିକତାରୁ ଗୌରବ, କର୍ମବାଧା ଦୂର ହେବ, ଚାପର ସମ୍ମୁଖୀନ, ଦୁର୍ଭାବନା ବଢ଼ି ଚାଲିବ ॥

# ଖାଲି ରଖିବେ ନାହିଁ ଏହି ଜିନିଷ



**ବା**ସ୍ତୁଶାସ୍ତ୍ର ଅନୁସାରେ, ଘରେ ଏମିତି କେତେକ ଜିନିଷ ରହିଛି, ଯାହାକୁ କେବେ ବି ଖାଲି ରଖିବା ଠିକ୍ ନୁହେଁ। ନଚେତ୍ ଏହାର ଅନେକ କୁ-ପ୍ରଭାବ ଆମ ଜୀବନଶୈଳୀ ଉପରେ ପଡିଥାଏ। ଯେମିତିକି: ବାସ୍ତୁଶାସ୍ତ୍ର ଅନୁଯାୟୀ, ଘରେ କେବେ ବି ଚାଉଳ ଡବାକୁ ଖାଲି ରଖିବା ଠିକ୍ ନୁହେଁ। ଏଥିରୁ ଚାଉଳ ସରିବା ପୂର୍ବରୁ ଏହାକୁ ପୁଣି ଭର୍ତ୍ତି କରି ଦେବା ଦରକାର। ଭରି ରହିଥିବା ଅନ୍ନଡବା ଘରେ ସମୃଦ୍ଧି ଆଣିଥାଏ ବୋଲି ବିଶ୍ୱାସ କରାଯାଏ। ସେହିପରି ବାଥ୍‌ରୁମ୍‌ରେ ଥିବା ପାଣି ବାଲ୍ଟିକୁ ଖାଲି ରଖିବା ଠିକ୍ ନୁହେଁ। ଅଳ୍ପ ହେଉ ପଛେ ସେଥିରେ କିଛି ପାଣି ରଖିଲେ ଏହାର ଅନେକ ସୁପ୍ରଭାବ ଘର ଉପରେ ପଡିଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି। ପୂଜା ଘରେ ରଖାଯାଉଥିବା ଜଳପାତ୍ରକୁ ମଧ୍ୟ କେବେ ବି ଖାଲି ରଖିବେ ନାହିଁ। କାରଣ ଖାଲିଥିବା ଜଳପାତ୍ର ଉଭୟ ଘର ଓ ଜୀବନ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ଏହାଦ୍ୱାରା ଆର୍ଥିକ ସଙ୍କଟ ଦେଖାଯାଇଥାଏ ବୋଲି ବିଶ୍ୱାସ କରାଯାଏ। ଘରର ଟ୍ରେଜେରି ହେଉ ଅବା ମନିପର୍ସକୁ କେବେ ବି ଖାଲି ରଖିବା ଠିକ୍ ନୁହେଁ। ଅଳ୍ପ ହେଉ ପଛେ ସେଥିରେ କିଛି ଟଙ୍କା ନିଶ୍ଚୟ ରଖିଦେବେ। ତା'ସହିତ ଟ୍ରେଜେରିରେ କଉଡ଼ି ହେଉ ଅବା ଗୋମତୀ ଚକ୍ର ଅଥବା ଶଙ୍ଖ ରଖିଲେ ମଧ୍ୟ ସମୃଦ୍ଧି ବୃଦ୍ଧିପାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ କରାଯାଇଛି।

# ପାଠକୀୟ

✲ ପାରମ୍ପରିକ ଦେଶୀ ଧାନ ବିହନ କ୍ରମେ ଲୋପ ପାଇ ଯାଉଥିବା ଦେଖି କିଛି ଚାଷୀ ଏହାର ସୁରକ୍ଷା ଦାୟିତ୍ୱ ନେଇଛନ୍ତି। ସେମାନେ ଏହି ବିହନ ସଂଗ୍ରହ କରି ଚାଷ କରିବା ସହିତ ଏହାର ପ୍ରଚାର ପ୍ରସାର ପାଇଁ ବି କାମ କରୁଛନ୍ତି। ତେଣୁ ଏଭଳି ଏକ ନିଆରା ବିଷୟବସ୍ତୁକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ଦେଶୀ ବିହନ ସଂରକ୍ଷକ' ଶୀର୍ଷକ ପ୍ରଚ୍ଛଦ ପ୍ରସଙ୍ଗଟି ବେଶ୍ ମନଛୁଆଁ ହୋଇଥିଲା।

*– ଲିଜାଲିନ୍ ଦାଶ, ବଡ଼ଶଙ୍ଖ, ପୁରୀ*

✲ 'ଦେଶୀ ବିହନ ସଂରକ୍ଷକ' ପ୍ରଚ୍ଛଦ ପ୍ରସଙ୍ଗଟି ଏକ ସମୟୋପଯୋଗୀ ତଥା ନିଆରା ଆଲେଖ୍ୟ ଥିଲା। 'ଜାହାଜର ପେଣ୍ଟିଂ ଘରେ ଲଗାଉଥିଲେ', 'କ୍ରିଷ୍ଟାଲ୍ ଲୋଟସ୍‌ର ବାସ୍ତୁ ମହତ୍ତ୍ୱ' ଆଦି ପାଠରୁ ବହୁ ଉପାଦେୟ କଥା ଜାଣିବାକୁ ମିଳିଲା। 'ସୁନା ମଣିଷ' ଶୀର୍ଷକ ପାଠଟି ବି ବେଶ୍ ନିଆରା ହୋଇଥିଲା ପଢ଼ିବାକୁ।

*– ପୁଷ୍ପେନ୍ଦୁ ଧଳ, ମାଲକାନଗିରି*

✲ ବ୍ୟକ୍ତିତ୍ୱ ପୃଷ୍ଠାରୁ ବରିଷ୍ଠ ନ୍ୟୁରୋସର୍ଜନ ଡା. ଅଶୋକ କୁମାର ମହାପାତ୍ରଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ହାଫ୍ ଶାର୍ଟ' ଶୀର୍ଷକ ଗପଟି ବି ମନଛୁଆଁ ଥିଲା। ସିନେମା ପୃଷ୍ଠାଟି ଆକର୍ଷଣୀୟ ଲାଗୁଥିଲା। ଖାସ୍‌କରି ଏଥିରେ ସ୍ଥାନିତ ଦିଶା ପଟାନୀଙ୍କ ଫଟୋଟି ଖୁବ୍ ସୁନ୍ଦର ହୋଇଥିଲା।

*– ରକୁଲ୍, ସୁମନ୍, ବଲାଙ୍ଗୀର*

✲ ଲେଖିକା, ଶିକ୍ଷାବିତ୍ ଓ ସମାଜସେବୀ ଚିନ୍ମୟୀ ପଣ୍ଡାଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ବେଶ୍ ହୃଦୟସ୍ପର୍ଶୀ ଥିଲା। ସାଥୀର ଉତ୍ତର ବି ରୋମାଣ୍ଟିକ୍‌ଭରା ଲାଗୁଥିଲା। ମଡେଲ୍ ମିରର୍‌ରେ ଶୀତଲ୍ ବେଶ୍ ସୁନ୍ଦରୀ ଲାଗୁଥିଲେ। ସେହିପରି ସହରଠୁ ଦୂର ପୃଷ୍ଠାରୁ 'ଈଶ୍ୱରଙ୍କ ନିଜ ଦେଶ କେରଳ' ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା।

*– ପୁନିତ୍ ପୃଷ୍ଟି, ମୟୂରଭଞ୍ଜ*

✲ ବିବିଧା ପୃଷ୍ଠାରେ ସ୍ଥାନିତ 'ସାବୁନ ଫେଣର କଥା' ଶୀର୍ଷକ ପାଠଟି ତଥ୍ୟପୂର୍ଣ୍ଣ ଥିଲା। ଏଥରର ଚିନ୍ମୟ ଚିନ୍ତନ ପାଠଟି ବି ଖୁବ୍ ହୃଦୟଛୁଆଁ ହୋଇଥିଲା। ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ରୋବୋ ହର୍ସ', 'ବବଲ୍ ଘରର ଗାଁ', 'ଆଇନ୍‌ଷ୍ଟାଇନ୍‌ଙ୍କଠୁ ବି ବୁଦ୍ଧିଆ ଏଇ ଝିଅ' ଆଦି ପାଠଗୁଡ଼ିକ ଯେତିକି ଆଶ୍ଚର୍ଯ୍ୟକର ଥିଲା ସେତିକି ମନଛୁଆଁ ବି ହୋଇଥିଲା।

*– ରଶ୍ମି ଜେନା, ବାଲେଶ୍ୱର*

✲ ମୋତେ ଛୁଟିଦିନର ପ୍ରତି ପୃଷ୍ଠା ପଢ଼ିବାକୁ ବହୁତ ଭଲ ଲାଗେ। ବିଶେଷକରି ଏଥିରେ ସ୍ଥାନିତ ପ୍ରଚ୍ଛଦ ପ୍ରସଙ୍ଗ, ସୃଜନ ଓ ବ୍ୟଙ୍ଗ ପୃଷ୍ଠା ପଢ଼ିବା ମୋର ଭାରି ପ୍ରିୟ। ହାଃ ହାଃ ବି ପଢ଼ିବାକୁ ବେଶ୍ ମଜା ଲାଗେ।

*– ତନୁଜା ସ୍ୱାଇଁ, ଭଦ୍ରକ*

## ବିଶେଷ ଚିଠି




ଦେଶୀ ବିହନ ସଂରକ୍ଷକ
ଥିଲା ଏଥରର ପ୍ରଚ୍ଛଦ ପ୍ରସଙ୍ଗ,
ଲାଗୁଥିଲା ନିଆରା ଯେମିତି
ଦେଉଥିଲା ତଥ୍ୟ ବି ସେମିତି।
ତା'ସାଙ୍ଗକୁ ସାଥୀ, ସିନେମା
ଓ ପ୍ରଥମ ରୋଜଗାର,
ମନ କିଣି ନେଉଥିଲା
ପୁଣି ତୁମ ସହରଠୁ ଦୂର।
ହେ ପ୍ରିୟ ଛୁଟିଦିନ,
ତୁମେ ଲାଗ ସବୁଠୁ ଉତ୍ତମ।

*– ପ୍ରକାଶ ଦାସ, କଟକ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795
ସୂଚନା ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ମା’ ସର୍ବଂସହା



ସାରା ଦୁନିଆ ହାତ ଛାଡିପାରେ, ହେଲେ ଯିଏ କେବେ ବି ହାତ ଛାଡେନା ସେ ହେଉଛି ମା’। ନିଜ ପଣତ ତଳେ ଲୁଚାଇ ରଖେ। ସବୁ କଷ୍ଟ ନିଜେ ସହେ। ଆଉ ସନ୍ତାନ ପାଖରେ ସ୍ମିତ ହସଟିଏ ହସିଦେଇ ଅଜାଡିଦିଏ ସୁଖ। ଏମିତିକି ନିଜ ଶାରୀରିକ ଅକ୍ଷମତାକୁ ବି ସକ୍ଷମତାରେ ପରିଣତ କରି ଅସମ୍ଭବକୁ ସମ୍ଭବରେ ପରିଣତ କରିପାରେ। କାରଣ ସେ ହେଉଛି ମା’। ଆଉ ମା’ ସବୁବେଳେ ମମତାମୟୀ ଓ ସର୍ବଂସହା...

**ନିଜ ଅକ୍ଷମତା ଭୁଲି କରୁଛନ୍ତି ଭିନ୍ନକ୍ଷମ ପୁଅର ସେବା:** ଖଟରେ ଶୋଇ ରହିଛି ଭେଣ୍ଡିଆ ପୁଅ। ନା ସେ ଚାଲିପାରୁଛି, ନା ନିଜର କିଛି କାମ ନିଜେ କରିପାରୁଛି। ତା’ସାଙ୍ଗକୁ ସେ ମାନସିକ ବିକାରଗ୍ରସ୍ତ ମଧ୍ୟ। ଅନ୍ୟପକ୍ଷେ ତା’ର ବାପା ବି ନାହାନ୍ତି। ଏମିତିରେ ମା’ ହିଁ କେବଳ ତା’ର ସାହା ଭରସା। ହେଲେ ସେଇ ମା’ ବି ଜଣେ ଭିନ୍ନକ୍ଷମ। ବାମହାତ ତାଙ୍କର ଅଚଳ। ତଥାପି ସେଇ ମା’ ନିଜର ଅକ୍ଷମତାକୁ ପଛରେ ପକାଇ ଦୀର୍ଘବର୍ଷ ଧରି ପୁଅର ସେବା ଶୁଶ୍ରୂଷା କରି ଆସୁଛନ୍ତି। ଏଭଳି ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି ଜୟପୁର ସହରରେ। ଏଠାକାର ଭୂପତି ସାହିରେ ରୁହନ୍ତି ୩୭ ବର୍ଷୀୟା ଭିନ୍ନକ୍ଷମ ମହିଳା **ସିଏଚ. ଲକ୍ଷ୍ମୀ,** ଯାହାଙ୍କ ବାମହାତର ଶିରା ପ୍ରଶିରାରେ ସମସ୍ୟା ଥିବା ଯୋଗୁ ତାହା ସମ୍ପୂର୍ଣ୍ଣ ଅଚଳ ହୋଇଯାଇଛି। ସରକାରୀ ଭାବେ ତାଙ୍କୁ ୫୦ ପ୍ରତିଶତ ଭିନ୍ନକ୍ଷମ ସାର୍ଟିଫିକେଟ ପ୍ରଦାନ କରାଯାଇଛି। ଏଣେ ୧୯ ବର୍ଷର ଭେଣ୍ଡିଆ ପୁଅ ମହେଶ ଶଯ୍ୟାଶାୟୀ। ତା’ ସାଙ୍ଗକୁ ସ୍ୱାମୀ ବି ନାହାନ୍ତି। ତେଣୁ ଦୀର୍ଘବର୍ଷ ଧରି ସେ ଏକାକୀ ସଂଘର୍ଷ କରିଆସୁଛନ୍ତି । ଲକ୍ଷ୍ମୀ କୁହନ୍ତି,‘୨୦ ବର୍ଷ ପୂର୍ବେ ଏସ୍‌ଏଚ୍‌ପି ରାଜୁଙ୍କ ସହ ମୋର ବିବାହ ହୋଇଥିଲା, ଯେକି ରାଜମିସ୍ତ୍ରି ଭାବେ କାମ କରୁଥିଲେ। ବିବାହର ଏକ ବର୍ଷ ପରେ ପୁଅ ଜନ୍ମ ହେଲା। ପୁଅ ହୋଇଥିବାରୁ ବହୁତ ଖୁସି ଥିଲୁ। ହେଲେ ପରେ ଜଣାପଡ଼ିଲା ସେ ଭିନ୍ନକ୍ଷମ। ସବୁ ଖୁସି ମଉଳିଗଲା। ସେବେଠାରୁ ପୁଅର ସେବାରେ ଲାଗିଗଲି। ଗୋଟେ ହାତରେ ତା’ର ସବୁ ଯତ୍ନ ନେଉଥିଲି। ହେଲେ ଦୁର୍ଭାଗ୍ୟ ମୋ ପିଛା ଛାଡି ନ ଥିଲା। ୨୦୧୪ରେ ସ୍ୱାମୀଙ୍କର ଦେହାନ୍ତ ହେଲା। ତା’ପରଠାରୁ ମୋର ଏକା ଏକା ସଂଘର୍ଷ ଆରମ୍ଭ ହେଲା। ଆମେ ଭୂପତି ସାହିରେ ମାସିକ ୨ହଜାର ୫ଶହ ଟଙ୍କାରେ ଘରଭଡା ନେଇ ରହୁ। ତା’ସାଙ୍ଗକୁ ଖିଆପିଆ ଓ ଅନ୍ୟାନ୍ୟ ଖର୍ଚ୍ଚ ରହିଛି। ସେଥିପାଇଁ ରୋଜଗାର କରିବାକୁ ବାଧ୍ୟ ହୋଇ ଘରୁ ପାଦ କାଢିଲି। ଏକ ଲୁଗା ଦୋକାନରେ କାମ କଲି। ସକାଳୁ ଉଠି ନିଜେ ପ୍ରସ୍ତୁତ ହେବା ସହ ପୁଅର ନିତ୍ୟକର୍ମ କରାଇ ତାକୁ ଖୁଆଇ ପିଆଇ ସକାଳ ସାଢେ ୧୦ଟାରୁ ରାତି ୯ଟା ପର୍ଯ୍ୟନ୍ତ କାମ କରିବାକୁ ଯାଉଛି। ମୁଁ ନ ଥିବା ସମୟରେ ମୋ ମା’ ପୁଅର ଦେଖାଶୁଣା କରନ୍ତି। ଲୁଗା ଦୋକାନରୁ ମାସିକ ୫ ହଜାର ଦରମା ଟଙ୍କା ସହ ଭିନ୍ନକ୍ଷମ ଭତ୍ତା ଭାବେ ମତେ ୧ହଜାର ଏବଂ ପୁଅକୁ ୩ ହଜାର ଟଙ୍କା ମାସିକ ସରକାରୀ ସହାୟତା ରାଶି ମିଳୁଛି। ଖାଦ୍ୟ ସୁରକ୍ଷା ଅନ୍ତ୍ୟୋଦୟ ଯୋଜନାରେ ମାସିକ ୩୫ କିଲୋଗ୍ରାମ ଚାଉଳ ମିଳୁଛି। ଏଇଥିରେ ଆମେ ମା’ ଓ ପୁଅ ଚଳିଯାଉ। ନିକଟରେ କଟକ, ଓଲଟପୁରଠାରେ ପୁଅକୁ ଚିକିତ୍ସା କରାଇଥିଲି। ପୁଅ ଏବେ ସାମାନ୍ୟ ସୁସ୍ଥ ହୋଇଛି। ହେଲେ ଏବେ ବି ବିନା ସହାୟତାରେ ସେ ଚଲାବୁଲା କରିପାରୁନି। ନିଜେ ଉଠି କୌଣସି କାର୍ଯ୍ୟ କରିପାରୁ ନାହିଁ। ତା’ ଚିନ୍ତା ସବୁ ସମୟରେ ଲାଗି ରହୁଛି। ତା’ ପାଇଁ ମୁଁ ମୋର ସବୁ କଷ୍ଟ ଭୁଲିଯାଇଛି। ଦିନରାତି ସଂଘର୍ଷ କରୁଛି।

**ଯାଆଁଳା ପୁଅଙ୍କ ପାଇଁ ଭୁଲିଛନ୍ତି ନିଜର କଷ୍ଟ:** ନିଜ ଗୋଡ଼ରେ ଠିଆ ହେବା ତାଙ୍କ ପାଇଁ କଷ୍ଟକର। କାରଣ ଗୋଟେ ଗୋଡର ପାଦ ତାଙ୍କର ପଛପଟକୁ ବଙ୍କା। ତଥାପି ସେ ନିଜର ସବୁ କଷ୍ଟ ଯନ୍ତ୍ରଣାକୁ ଭୁଲି ଯାଆନ୍ତି ଯେବେ ସେ ନିଜ ଦୁଇ ଯାଆଁଳା ପୁଅଙ୍କ ମୁହଁରେ ହସ ଦେଖନ୍ତି। ଏହି ମା’ ହେଉଛନ୍ତି **ରଶ୍ମିତା ନାୟକ**। ଘର ବଡ଼ମ୍ବାର ଗୋପ ମଥୁରାରେ। ଜନ୍ମରୁ କିନ୍ତୁ ସେ ନ ଥିଲେ ଦିବ୍ୟାଙ୍ଗ। ବାପଘରର ଚଳଣି ବି ଭଲ ଥିଲା। ବାପା ଚାକିରି କରୁଥିଲେ। ଜମିବାଡି ବହୁତ ଥିଲା। ରଶ୍ମିତାଙ୍କର ଦୁଇ ଭାଇ ଓ ତିନି ଭଉଣୀ। ବଡ଼ ଯୌଥ ପରିବାର ଥିଲା। ସବୁକିଛି ଠିକ୍‌ଠାକ୍ ଚାଲିଥାଏ। ତେବେ ରଶ୍ମିତାଙ୍କୁ ଯେବେ ୩-୪ ବର୍ଷ ବୟସ, ହଠାତ୍ ସେ ଚାଲିପାରିଲେନି। ଗୋଡରେ କଷ୍ଟ ଅନୁଭବ ହେଲା। ମା’ବାପା ଡାକ୍ତରଙ୍କୁ ଦେଖାଇଲେ। ଡାକ୍ତର ବି ଜାଣିପାରିଲେନି କ’ଣ ହୋଇଛି। ଦେଖୁ ଦେଖୁ ଡାହାଣ ଗୋଡର ପାଦ ବଙ୍କା ହୋଇ ପଛକୁ ମୋଡି ହୋଇଗଲା। କୌଣସି ଡାକ୍ତର ଆଉ ତାକୁ ଠିକ୍ କରିପାରିଲେନି। ଭାଗ୍ୟକୁ ଆଦରି ସେହି ବଙ୍କା ପାଦରେ ଚାଲିବା ଓ ଜିଇବା ଶିଖିଗଲେ। ପାଠ ପଢିଲେ। ଲୋକେ ତାଙ୍କ ଗୋଡକୁ ନେଇ ଅନେକ କଥା କହୁଥିଲେ। କଷ୍ଟ ଲାଗିଲେ ବି ସବୁ କିଛି ସହିଯାଉଥିଲେ। ବାହାଘର ପ୍ରସ୍ତାବ ଆସିବା ବି କଷ୍ଟ ହେଲା। ଏମିତିରେ ତାଙ୍କ ଜୀବନକୁ ଜଣେ ବ୍ୟକ୍ତି ଆସିଲେ ଯେକି ତାଙ୍କ ଭିନ୍ନକ୍ଷମତାକୁ ଦେଖି ନ ଥିଲେ, ଦେଖିଥିଲେ ତାଙ୍କ ମନ। ସେ ହେଲେ ଜ୍ୟୋତିରଞ୍ଜନ ରାଉତ। ପରେ ଦୁହେଁ ବିବାହ କରିବାକୁ ନିଷ୍ପତ୍ତି ନେଲେ। ରଶ୍ମିତାଙ୍କ ପରିବାର ଲୋକ ବିରୋଧ କଲେ। ତେଣୁ ଦୁହେଁ ଘର ଛାଡି ବାହା ହେଲେ। ଏଥିପାଇଁ ରଶ୍ମିତାଙ୍କ ଘର ଲୋକେ ତାଙ୍କୁ ପର କରିଦେଲେ। ହେଲେ ଶାଶୁଘର ଲୋକେ ତାଙ୍କୁ ଆପଣାଇନେଲେ। ଖୁବ୍ ଭଲ ପାଇବା ଦେଲେ। ସ୍ୱାମୀ ଭୁବନେଶ୍ୱରରେ ଦିନ ମଜୁରିଆ କାମ କରନ୍ତି। ତେଣୁ ଦୁହେଁ ଭୁବନେଶ୍ୱରରେ ଏକ ଭଡା ଘରେ ରହିଲେ। ଏହାଭିତରେ ରଶ୍ମିତା ଯାଆଁଳା ପୁଅର ମା’ ହେଲେ। ଯେଉଁଠି ଗୋଟିଏ ସନ୍ତାନକୁ ସମ୍ଭାଳିବା ଜଣେ ମା’ ପାଇଁ କାଠିକର ପାଠ, ସେମିତିରେ ଦିବ୍ୟାଙ୍ଗ ରଶ୍ମିତାଙ୍କ ପାଇଁ ଦୁଇ ସନ୍ତାନକୁ ଲାଳନପାଳନ କରିବା କେତେ ଯେ କଷ୍ଟକର ଥିଲା ତାହା କେବଳ ସେ ହିଁ ଜାଣନ୍ତି। ରଶ୍ମିତା କୁହନ୍ତି,‘ସେଇ ବଙ୍କା ଗୋଡରେ ଛୋଟେଇ ଛୋଟେଇ ଚାଲି କାମ କରିବାକୁ ପଡୁଥିଲା। ରାତି ରାତି ଉଜାଗର ରହୁଥିଲି। ଗୋଟିଏ ଛୁଆର ଦେହ ଖରାପ ହେଲେ ଅନ୍ୟ ପିଲାର ବି ଦେହ ଖରାପ ହେଉଥିଲା। ଜଣଙ୍କୁ ଭୋକ ଲାଗିଲେ ଆର ପିଲାଟିକୁ ବି ଭୋକ ଲାଗୁଥିଲା। ଜଣେ କାନ୍ଦିଲେ ଆଉ ଜଣେ କାନ୍ଦୁଥିଲା। ଦୁହିଁଙ୍କୁ ଟାଇମ୍‌ରେ ଖୁଆଇବା, ଗାଧୋଇବା, ସେମାନଙ୍କ କପଡା ସଫା କରିବା, ରୋଷେଇ କରିବା ସବୁକିଛି ସେଇ ଖରାପ ଗୋଡରେ କରୁଥିଲି। ନିଜ କଷ୍ଟକୁ ଭୁଲି ପିଲାଙ୍କ ଲାଳନପାଳନରେ ଦିନରାତି କଟିଯାଉଥିଲା। ଅନେକଥର ସ୍ୱାମୀ ବାହାରକୁ କାମ ପାଇଁ ପଳାଇଥିବାବେଳେ ପିଲାଙ୍କ ଦେହ ଖରାପ ହେଲେ ନିଜେ ଡାକ୍ତରଙ୍କ ପାଖକୁ ଯାଇ ପିଲାଙ୍କ ଚିକିତ୍ସା କରାଇଛି। ଏକୁଟିଆ ସେମାନଙ୍କ ଯତ୍ନ ନେଇଛି। ଏମିତିକି ପାଠପଢା କଥା ବି ବୁଝିଛି। ଏବେ ଦୁହେଁ ବଡ଼ ହେଲେଣି। ନବମ ଶ୍ରେଣୀରେ ପଢୁଛନ୍ତି। ଭଲ ବି ପଢୁଛନ୍ତି। ଚିତ୍ର କରିବା, ଖେଳକୁଦ ସବୁଥିରେ ଦୁହେଁ ଆଗୁଆ। ହେଲେ ସ୍ୱାମୀଙ୍କ ସ୍ୱଳ୍ପ ରୋଜଗାର ସହ ଅନେକ କରଜ ଥିବାରୁ ପିଲାଙ୍କ ପାଇଁ ବିଶେଷ କିଛି କରିହେଉନି। ପିଲାମାନେ କିନ୍ତୁ ବହୁତ ବୁଝାଶୁଝା। ସେମାନେ ମୋ କଷ୍ଟକୁ ଅନୁଭବ କରିପାରୁଛନ୍ତି। ଏମିତିକି ଏବେ ମୋ ଦେହ ଖରାପ ହେଲେ ନିଜେ ରୋଷେଇ କରି ମତେ ଖୁଆଇବା ସହ ଔଷଧ ଦେଉଛନ୍ତି। ଏସବୁ ଦେଖି ମୋର ସବୁ କଷ୍ଟ ଦୂର ହୋଇଯାଏ।

**ଝିଅ ପାଇଁ ଅନ୍ଧକାର ସହ ଲଢୁଛନ୍ତି ମାନୁଲତା:** ଭଦ୍ରକ ଜିଲା, ବେତରା ପଞ୍ଚାୟତ, ବୀରପଡ଼ା ଗାଁର **ମାନୁଲତା ବିଶ୍ୱାଳ** ଜନ୍ମରୁ ଆଂଶିକ ଦୃଷ୍ଟିବାଧିତ। କେବଳ ୨୦ ପ୍ରତିଶତ ହିଁ ସେ ଦେଖିପାରନ୍ତି। କହିବାକୁଗଲେ ଦୁନିଆକୁ ସେ କେବେ ଭଲରେ ଦେଖିନାହାନ୍ତି। କିନ୍ତୁ ମନୋବଳ ତାଙ୍କର ବେଶ୍ ଦୃଢ। ସେଥିପାଇଁ ତ ସେ ଏମିତି ସ୍ଥିତିରେ ବି ନିଜ ସଂସାରକୁ ବେଶ୍ ସୁରୁଖୁରୁରେ ଚଳାଇ ନିଅନ୍ତି। ରୋଷେଇ କରିବା, ବାସନ ମଜା ସହ ଘରର ଯାବତୀୟ କାମ ନିଜେ କରନ୍ତି। ଆଉ ସେ ଯେମିତିଭାବେ ନିଜ କୁନି ଝିଅ ପ୍ରତୀକ୍ଷାର ଯତ୍ନ ନିଅନ୍ତି ତାକୁ କେହି ନିଜ ଆଖିରେ ନ ଦେଖିଲେ ବିଶ୍ୱାସ କରିବେନି। ଝିଅକୁ ଗାଧୋଇ ଦେବା, ତା’ର କପଡ଼ା ସଫା କରିବା, ମୁଣ୍ଡ କୁଣ୍ଡାଇବା, ଡ୍ରେସ୍ ପିନ୍ଧାଇବା, ଖୁଆଇବା ସବୁ କାମ ସେ ନିଜେ କରନ୍ତି। ଯଦିଓ ସାଧାରଣ ମା’ଙ୍କ ଅପେକ୍ଷା ତାଙ୍କୁ କିଛି ଅଧିକ ସମୟ ଲାଗେ, ତଥାପି ଅଣ୍ଡାଳି ଅଣ୍ଡାଳି ବହୁ କଷ୍ଟରେ ସବୁ କାମ କରି ଦିଅନ୍ତି। ତାଙ୍କୁ ସାହାଯ୍ୟ କରିବା ପାଇଁ ପାଖରେ କେହି ନାହାନ୍ତି। ଝିଅକୁ ଛୁଇଁ, ତା’ର ସ୍ଥିତିକୁ ଅନୁମାନ କରି ତା’ର ଦେହ ଭଲ ଅଛି କି ନାହିଁ ଜାଣିପାରନ୍ତି। ଦେହ ଖରାପ ହେଇଥିଲେ ରାତି ରାତି ଉଜାଗର ରହି ତା’ର ଯତ୍ନ ନିଅନ୍ତି। ଔଷଧକୁ ଛୁଇଁ ଚିହ୍ନନ୍ତି ଓ ଖାଇବାକୁ







ପୁଅ ସହ ସିଏଚ. ଲକ୍ଷ୍ମୀ



ପୁଅ ସହ ସରସ୍ୱତୀ କାଣ୍ଡାର



ଝିଅ ସହ ମାନୁଲତା ବିଶ୍ୱାଳ

ଦିଅନ୍ତି। ଝିଅର ସବୁ ଅଳି ଅର୍ଦ୍ଦଳି ସହନ୍ତି। ସାଧାରଣ ମା' ଭଳି ଝିଅ ପାଇଁ ସବୁ କରିବାକୁ ପ୍ରାଣପଣେ ଚେଷ୍ଟା କରନ୍ତି। ଅନ୍ୟପକ୍ଷେ ସ୍ୱାମୀ ପର୍ଶୁରାମ ପଣ୍ଡା ସମ୍ପୂର୍ଣ୍ଣ ଦୃଷ୍ଟିବାଧିତ। ତେଣୁ ତାଙ୍କୁ ବି ସେ ସାହାରା ଦିଅନ୍ତି। ବାହାର କାମ ଯେମିତି କି ପନିପରିବା, ସଉଦା କିଣିବା କାମ ବି ମାନୁଲତା ନିଜେ କରନ୍ତି। ବେଳେବେଳେ କିଛି ଲୋକ ତାଙ୍କୁ ଏସବୁ କାମରେ ସାହାଯ୍ୟ କରି ଦିଅନ୍ତି। ହେଲେ ମାନୁଲତା ସବୁବେଳେ ନିଜ କାମ ନିଜେ କରିବାକୁ ଭଲ ପାଆନ୍ତି। କେବେ କାହାକୁ ନିଜଆଡୁ ସାହାଯ୍ୟ ପାଇଁ କୁହନ୍ତି ନାହିଁ। ସ୍ୱାମୀ ଏକ ପ୍ରାଇଭେଟ୍ ସଂସ୍ଥାରେ ଛୋଟିଆ ଚାକିରି କରୁଛନ୍ତି। ସେଥିରେ ଯାହା ରୋଜଗାର ହୁଏ ପରିବାର ଚଳେ। ମାନୁଲତା କହନ୍ତି, 'ମୁଁ ଜନ୍ମରୁ ଆଂଶିକ ଦୃଷ୍ଟିବାଧିତ। ତେଣୁ ଦୃଷ୍ଟିବାଧିତମାନଙ୍କ ପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର ସ୍କୁଲରେ ପାଠ ପଢିଥିଲି। ପରେ କିନ୍ତୁ ଭଦ୍ରକ କଲେଜରେ ସାଧାରଣ ପିଲାଙ୍କ ସହ ମିଶି ପଢିବାକୁ ପଡ଼ିଲା। କ୍ଲାସରେ ଯାହା ପଢାଯାଉଥିଲା ତାକୁ ରେକର୍ଡିଂ କରି ନେଉଥିଲି। ଘରେ ତାକୁ ଶୁଣି ଶୁଣି ମନେ ରଖୁଥିଲି। ପରୀକ୍ଷାବେଳେ ଜଣେ ସହାୟକ ରହୁଥିଲେ,ଯେ କି ମୁଁ କହୁଥିବା ଉତ୍ତର କାଗଜରେ ଲେଖୁଥିଲେ। ଏମିତିରେ ଗ୍ରାଜୁଏଶନ ସରିଲା। ସେଇ କଲେଜରେ ପଢିବାବେଳେ ହିଁ ମୋର ବନ୍ଧୁତା ଭଦ୍ରକ, ନଳାଙ୍ଗ, କାଦପଟାର ଆଂଶିକ ଦୃଷ୍ଟିବାଧିତ ପର୍ଶୁରାମଙ୍କ ସହ ହେଇଥିଲା। ପରେ ଏ ସମ୍ପର୍କ ପ୍ରେମର ରୂପ ନେଲା ଓ ପରିବାର ସହମତିରେ ବିବାହ ବି କଲୁ। ବାହାଘରର ବର୍ଷକ ପରେ ମୁଁ ମା' ହେଲି। ମୋ ମା' ଓ ଶାଶୁ ସେ ସମୟରେ ବହୁତ ସାହାଯ୍ୟ କରିଥିଲେ। ଯେବେ ମା' ଓ ଶାଶୁ ଗାଁକୁ ଚାଲିଗଲେ ମତେ ସବୁକିଛି ଏକା ସମ୍ଭାଳିବାକୁ ପଡ଼ିଲା। ସଂସାର ଏମିତିରେ ଦୁଃଖେ କଷ୍ଟେ ଚାଲିଥାଏ। କୋଭିଡ୍ ପୂର୍ବରୁ ଆଂଶିକ ଦୃଷ୍ଟିବାଧିତ ମୋ ସ୍ୱାମୀଙ୍କ ଆଖିର ଅସ୍ତ୍ରୋପଚାର ହୋଇଥିଲା। ପରେ ଯେଉଁ ଚିକିତ୍ସା ଆବଶ୍ୟକ ଥିଲା କୋଭିଡ୍ ପାଇଁ କରି ହେଲାନାହିଁ। ଆଉ ସେ ସମ୍ପୂର୍ଣ୍ଣ ଦୃଷ୍ଟିଶକ୍ତି ହରାଇଲେ। ଏହାପରେ ସ୍ୱାମୀ ଓ ଝିଅର ସବୁ ଦାୟିତ୍ୱ ମତେ ଉଠାଇବାକୁ ପଡ଼ିଲା। ସେବେଠାରୁ ମା'ର ସବୁ ଦାୟିତ୍ୱ ତୁଲାଇବା ସହ ସ୍ୱାମୀଙ୍କ ସାହାରା ବି ପାଲଟିଛି।'

**ଦିବ୍ୟାଙ୍ଗ ସରସ୍ୱତୀଙ୍କ ପୁଅ ପାଇଁ ସଂଘର୍ଷ:** ଜନ୍ମରୁ **ସରସ୍ୱତୀ କାଣ୍ଡାରଙ୍କ** ଶରୀରର ଡାହାଣ ପଟ ଅଙ୍ଗ ଅଚଳ। ସିଧା ଚାଲିବା କଷ୍ଟକର। ଚାଲିବାବେଳେ ସେ ବାମ ଗୋଡରେ ଚାଲନ୍ତି ଓ ଆର ଗୋଡଟି ଘୁଷୁରୁଥାଏ। କେବଳ ସେତିକି ନୁହେଁ ତାଙ୍କର ଡାହାଣ ହାତ ବି କାମ କରେନା। ସେଇ ହାତରେ ସେ ଖାଇବା କି ନିତ୍ୟକର୍ମ ଭଳି ଦୈନନ୍ଦିନ କାମ ବି କରିପାରନ୍ତି ନାହିଁ। ଅପରପକ୍ଷେ ସ୍ୱାମୀଙ୍କ ସହିତ ମତାନ୍ତର ଯୋଗୁ ଦୀର୍ଘ ୧୨ ବର୍ଷ ହେବ ପୁଅକୁ ଧରି ସେ ବାପଘରେ ଅଲଗା ରହୁଛନ୍ତି। ସ୍ୱାମୀଙ୍କଠାରୁ ଅଲଗା ହେବା ସମୟରେ ପୁଅ ମାତ୍ର ୬ ମାସର ହୋଇଥାଏ। ଉଭୟ ମା' ଓ ବାପାର ସ୍ନେହ ଦେବାକୁ ଚେଷ୍ଟା କଲେ ସରସ୍ୱତୀ। ପୁଅକୁ ଖୁଆଇବାଠାରୁ ଆରମ୍ଭ କରି ପାଠ ପଢାଇବା ପର୍ଯ୍ୟନ୍ତ ସବୁ ଦାୟିତ୍ୱ ନିଜେ ତୁଲାଇଲେ। ଏବେ ତାଙ୍କୁ ବୟସ ୪୦ ବର୍ଷରୁ ଉର୍ଦ୍ଧ୍ୱ। ପାରାଦୀପ ପୌରାଞ୍ଚଳ ଅନ୍ତର୍ଗତ ୧୬ନଂ ୱାର୍ଡ ନୂଆବଜାର ମୁଣ୍ଡାପଡା ବସ୍ତିର ଏକ ନୁଆଣିଆ ଛୋଟିଆ ଚାଳଘରେ ସେ, ତାଙ୍କ ପୁଅ, ମା' ଆରତୀ ଓ ଭଉଣୀ ଭଗବତୀ ରୁହନ୍ତି। ସରସ୍ୱତୀ କୁହନ୍ତି, 'ଆମର ପୈତୃକ ଗାଁ କଟକ ଜିଲ୍ଲା ଆଠଗଡ ଅଞ୍ଚଳରେ। ଆମେ ୪ଭଉଣୀ। ମା' ବାପା ଗାଁ ଛାଡି ପାରାଦୀପରେ ପ୍ରାୟ ୪୦ ବର୍ଷ ହେଲା ରହୁଛନ୍ତି। ମୋର ଜନ୍ମରୁ ଡାହାଣ ପଟ ଅଙ୍ଗ ଅଚଳ। ପାରାଦୀପର ଭିନ୍ନକ୍ଷମ ସ୍କୁଲ ଜାଗୃତିରେ ପଢିଥିଲି। ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢିଛି। ୨୦୧୧ରେ ମୋର ବିବାହ କେନ୍ଦ୍ରାପଡା ଜିଲା ମହାକାଳପଡ଼ା ଅନ୍ତର୍ଗତ ଜମ୍ବୁ ଗାଁରେ ହୋଇଥିଲା। ସ୍ୱାମୀ ସପନ ମଣ୍ଡଳଙ୍କ ସହିତ ବୈବାହିକ ଜୀବନ କିଛିଦିନ ଭଲରେ କଟିଥିଲା। ଗୋଟିଏ ପୁଅର ମା' ବି ହେଲି। ହେଲେ ଏହାର କିଛିଦିନ ପରେ ଦାମ୍ପତ୍ୟ ଜୀବନରେ ମନାନ୍ତର ଆରମ୍ଭ ହେଲା। ଶେଷରେ ସ୍ଥିତି ଏମିତି ହେଲା ଯେ ଆମେ ଅଲଗା ହୋଇଗଲୁ। ବହୁତ କଷ୍ଟ ହୋଇଥିଲା। ବାପଘରେ ଆସି ରହିଲି। ଭାବିଲି ପୁଅ ମୁହଁ ଚାହିଁ ଆଗକୁ ବଢିବି। ହେଲେ ଦୁର୍ଭାଗ୍ୟ ଏମିତି ଯେ ପୁଅର କଥା କହିବା ପାଇଁ ସମସ୍ୟା ଦେଖାଦେଲା। ତଥାପି ମନକୁ ଦୃଢ କରି ପୁଅର ଲାଳନପାଳନ କରି ଆସୁଛି। ପୁଅର ଦେଖାରଖାରେ ମା' ଓ ମୋ ଭଉଣୀ ବି ସାହାଯ୍ୟ କରନ୍ତି। ଘରେ ବୋଉ ଦୁଇଟି ଗାଈ ପାଳିଛି। ମୁଁ ସେହି ଗାଈର ସେବା କରେ। ହେଲେ ହାତ ଖରାପ ଥିବାରୁ କ୍ଷୀର ଦୁହିଁପାରେନା। ବୋଉ କ୍ଷୀର ଦୁହିଁବା ପରେ ମୁଁ ଆଖପାଖ କଲୋନୀରେ ଯାଇ ନାଗୁଆ ଦେଇଥାଏ। ଏଥିରୁ ଆମେ ମା' ଝିଅ ମାସକୁ ପ୍ରାୟ ୩ରୁ ୪ ହଜାର ଟଙ୍କା ରୋଜଗାର କରୁଛୁ। ଏହା ସହିତ ପାରାଦୀପ ବନ୍ଦର ଲେଡିଜ କ୍ଲବ ଦ୍ୱାରା ପରିଚାଳିତ କୁନି ପିଲାଙ୍କ ଖେଳକୁଦ ସ୍କୁଲ (ଭି ପଏଣ୍ଟ କେଜି ସ୍କୁଲ)ରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ କାମ କରୁଛି। ଯାହା ରୋଜଗାର ହେଉଛି ସେଥିରେ ପୁଅକୁ ସଞ୍ଜୟ ଗାନ୍ଧୀ ସରକାରୀ ବିଦ୍ୟାଳୟରେ ପାଠ ପଢାଉଛି। ନାନା ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ବି ମୁଁ ମୋ ପିଲା ପ୍ରତି କେବେ ଅବହେଳା କରିନାହିଁ। ତା'ର ସବୁ ଇଚ୍ଛା ପୂରଣ କରିବାକୁ ଚେଷ୍ଟା କରେ। ସେ ଭଲ ପଢୁଛି ମଧ୍ୟ।

**ପୁଅକୁ ମଣିଷ କରିବା ପାଇଁ ସଂଘର୍ଷ କରୁଛନ୍ତି ଦିବ୍ୟାଙ୍ଗ ମା' ନିର:** ରାୟଗଡା ବ୍ଲକ ବାଇସିଂ ପଂଚାୟତ ଅନ୍ତର୍ଗତ ବାଇସିଂ ଗ୍ରାମର ଭିନ୍ନକ୍ଷମ ଆଦିବାସୀ ମହିଳା **ନିର ପୀଡିକା** । ପିଲାଟି ଦିନରୁ ତାଙ୍କର ବାମ ଗୋଡ଼ ବଙ୍କା ହୋଇଯାଇଛି । ସେ ଠିକ ଭାବେ ଚାଲିବାକୁ ସମର୍ଥ ନୁହନ୍ତି। ହେଲେ ନିଜର ସବୁ କଷ୍ଟ ଭୁଲି ଦୁଇ ବର୍ଷର ପୁଅକୁ ସମାଜରେ ମଣିଷପରି ମଣିଷଟିଏ କରି ଗଢିବା ଲାଗି ସେ ସଂଘର୍ଷ କରୁଛନ୍ତି। ନିର କୁହନ୍ତି, 'ଆମର ଅଭାବି ପରିବାର। ବାପା ଚାଷୀ ଥିବାବେଳେ ମା' ଗୃହିଣୀ। ଆର୍ଥିକ ଅନଟନ ସାଙ୍ଗକୁ ଦିବ୍ୟାଙ୍ଗ ହୋଇଥିବାରୁ ମୁଁ ମାତ୍ର ପ୍ରଥମ ଶ୍ରେଣୀ ପର୍ଯ୍ୟନ୍ତ ପଢିପାରିଲି। ପରେ ଯେବେ ବଡ଼ ହେଲି ମନୋଜ ଡେିକା ନାମକ ଯୁବକ ମତେ ପ୍ରେମ ପ୍ରସ୍ତାବ ଦେଲେ। ମୁଁ ବି ସହମତି ପ୍ରକାଶ କଲି। ଉଭୟଙ୍କ ପରିବାର ଆଦିବାସୀ ରୀତି ନୀତିରେ ଆମର ବିବାହ କରାଇଲେ। ଦୁହେଁ ସାତଜନ୍ମ ପାଇଁ ସାଥୀ ହେବାର ପ୍ରତିଶ୍ରୁତି ଦେଇ ବୈବାହିକ ଜୀବନ ଆରମ୍ଭ କଲୁ। ଦୁଇବର୍ଷ ଯାଏ ସଂସାର ଠିକ୍‌ଠାକ ଚାଲିଲା। ହେଲେ ପରେ ମୋ ସ୍ୱାମୀ ଅନ୍ୟ ଯୁବତୀଙ୍କ ସହ ଅନୈତିକ ସମ୍ପର୍କ ସ୍ଥାପନ କରି ମତେ ରଖିବାକୁ ମନା କରିଦେଲେ। ସେତେବେଳେ ମୁଁ ମା' ହେବାକୁ ଥାଏ। କିଛି ମାସପରେ ମେଡିକାଲରେ ଆଡମିଟ୍ ହେଲି ପୁଅ ଜନ୍ମ ହେଲା। ଆଉ ସେଇଦିନ ହିଁ ମୋ ସ୍ୱାମୀ ମତେ ମେଡିକାଲରେ ଏକା ଛାଡି ଚାଲିଗଲେ। ଏହାପରଠୁ ସେ ମତେ କି ପୁଅକୁ ଦେଖା କରିବାକୁ ଆସି ନାହାନ୍ତି। କୌଣସି ଦାୟିତ୍ୱ ମଧ୍ୟ ନେଇ ନାହାନ୍ତି। ଏହାପରେ ମୁଁ ମୋ ବାପଘରେ ରହିବାକୁ ଚାଲି ଆସିଲି। ହେଲେ ଘରର ଆର୍ଥିକ ସ୍ଥିତି ଭଲ ନୁହେଁ। ଆମେ ତିନି ଭାଇ ତିନି ଭଉଣୀ। ସାନ ଭାଇକୁ ଛାଡି ଅନ୍ୟ ସମସ୍ତେ ବିବାହ କରି ସାରିଛନ୍ତି। ଏବେ ପରିବାର କହିଲେ ଆମେ ମା' ପୁଅ, ମୋ ବାପା ମା, ସାନ ଭାଇ ସମେତ ବଡ଼ ଭାଇ ଓ ଭାଉଜ। ପରିବାର ଉପରେ ବୋଝ ହେବି ନାହିଁ ଭାବି  ନିଜେ କିଛି କରିବାକୁ ସ୍ଥିର କଲି। ସେଥିପାଇଁ କୁଲି କାମ କରିବାକୁ ଯାଇଥିଲି ହେଲେ ଗୋଡ ଠିକ୍ ନ ଥିବାରୁ କାମ ନ କରିପାରି ଫେରି ଆସିଲି। ପରେ ସରକାରଙ୍କ ମାଗଣା ସିଲେଇ କେନ୍ଦ୍ର ରାୟଗଡାରେ କିଛି ଦିନ ତାଲିମ ନେଲି। ହେଲେ ଗୋଡ଼ ପାଇଁ ସିଲେଇ ମଧ୍ୟ କରି ପାରିଲି ନାହିଁ। ଏବେ ମୋ ଭାଇ ଏକ ସିଲେଇ ମେସିନରେ ମୋଟର ଲଗାଇଦେଇଛି। ସେହି ମେସିନ୍‌ରେ ସିଲେଇ କରି ଦିନକୁ ପ୍ରାୟ ୩୦ ରୁ ୪୦ ଟଙ୍କା ରୋଜଗାର କରୁଛି। ଗ୍ରାମାଞ୍ଚଳ ହୋଇଥିବାରୁ ଅଧିକ କାମ ମିଳୁନି। ସେଇ ସ୍ୱଳ୍ପ ରୋଜଗାର ସାଙ୍ଗକୁ ମାସିକ ଭିନ୍ନକ୍ଷମ ଭତାରେ ଅତି କଷ୍ଟରେ ଚଳୁଛୁ। ତଥାପି ଚେଷ୍ଟା କରୁଛି କଷ୍ଟ ହେଉ ପଛେ ପୁଅର ଯତ୍ନ ନେବା ସହ ଅଧିକରୁ ଅଧିକ ରୋଜଗାର କରି କେମିତି ପୁଅକୁ ବଡ଼ ଓ ଭଲ ମଣିଷ କରିବି।  ମୁଁ ବାପଘରେ ରହୁଛି ସତ, ହେଲେ  ନିଜର ଖାଇବା ଓ ଚଳିବା ଖର୍ଚ୍ଚ ନିଜେ ଉଠଉଛି। ଅନେକ ସମୟରେ ଖାଇବାକୁ ଯାହା କିଛି ଥାଏ ପୁଅକୁ ଦେଇ ମୁଁ ଭୋକରେ ରହିଯାଏ। ପୁଅକୁ କେମିତି ଭଲ ସ୍କୁଲରେ ପଢେଇ ମଣିଷ କରିବି ସେଥିପାଇଁ ଚେଷ୍ଟା କରୁଛି।

ସତରେ ମା'ମାନେ ହିଁ ମମତାମୟୀ ଓ ସର୍ବଂସହା। ସେ ନିଜ ସନ୍ତାନର ଖୁସି ଓ ଉଜ୍ଜଳ ଭବିଷ୍ୟତ ପାଇଁ କିଛି ବି କରିପାରେ। ନିଜ ଶରୀରକୁ ତିଳ ତିଳ କରି ଜାଳି ଦେଇପାରେ। ଅସମ୍ଭବକୁ ସମ୍ଭବ କରିପାରେ।

**– ଶିବାନୀ ମହାନ୍ତି**

**ଶରତ କୁମାର ରାଉତ, ଭାଗ୍ୟଶ୍ରୀ ମିଶ୍ର**





ଯାଆଁଳା ପୁଅଙ୍କ ସହ ରଶ୍ମିତା ନାୟକ



ପୁଅ ସହ ନିର ପୀଡିକା

# କୁଲ୍, କମ୍ଫଟେବଲ୍ ଟି-ଶାର୍ଟ




**ଖରାଦିନେ କୁଲ୍, କମ୍ଫଟେବଲ୍ ଲୁକ୍ ଦେଇଥାଏ ଜିନ୍ସ ଓ ଟି-ଶାର୍ଟ। ତେବେ କେଉଁ ଫାବ୍ରିକ୍‌ର ତଥା କେଉଁ ଡିଜାଇନ୍‌ର ଟି-ଶାର୍ଟ ପିନ୍ଧିବା ଖରାଦିନେ ବେଷ୍ଟ ହୋଇଥାଏ ଜାଣନ୍ତୁ ସେ ସମ୍ପର୍କରେ...**



**✲ ପ୍ଲେନ୍ ଟି-ଶାର୍ଟ:** ଏହି ଟାଇପ୍‌ର ଟି-ଶାର୍ଟ ସିମ୍ପଲ୍ ଆଉ ବେସିକ୍ ଲୁକ୍ ପାଇଁ ପରଫେକ୍ଟ ହୋଇଥାଏ। ଏହାକୁ ଜିନ୍ସ, ଶର୍ଟ୍ସ ଅଥବା ସ୍କର୍ଟ ସହ ପିନ୍ଧିଲେ ଆଉଟଷ୍ଟାଣ୍ଡିଂ ଲୁକ୍ ମିଳେ। ପ୍ଲେନ୍ ଟି-ଶାର୍ଟ ବିଭିନ୍ନ ରଙ୍ଗ ତଥା ଡିଜାଇନ୍‌ରେ ଉପଲବ୍ଧ ହେଉଥିବାରୁ ଝିଅମାନେ ନିଜ ପସନ୍ଦରେ ଏହାକୁ ପିନ୍ଧି ଖରାଦିନେ କୁଲ୍, କମ୍ଫଟେବଲ୍ ଲୁକ୍ ପାଇପାରିବେ।

**✲ ପ୍ରିଣ୍ଟେଡ୍ ଟି-ଶାର୍ଟ:** ଖରାଦିନେ କୁଲ୍ ଆଉ ଷ୍ଟାଇଲିଶ୍ ଲୁକ୍ ପାଇବା ପାଇଁ ଝିଅମାନେ ଚାହିଁଲେ ପ୍ରିଣ୍ଟେଡ୍ ଟି-ଶାର୍ଟକୁ ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟ ଭାବେ ଆପଣେଇ ପାରିବେ। ଏହା ବି ବିଭିନ୍ନ ପ୍ରିଣ୍ଟ୍ସ ଓ ଡିଜାଇନ୍‌ରେ ଉପଲବ୍ଧ ହୋଇଥାଏ ; ଯେମିତି କି ଫ୍ଲୋରାଲ୍ ପ୍ରିଣ୍ଟ, ଆନିମଲ୍ ପ୍ରିଣ୍ଟ, ଗ୍ରାଫିକ୍ସ ପ୍ରିଣ୍ଟ ଇତ୍ୟାଦି ଅନ୍ୟତମ। ତେବେ ଯେ କୌଣସି ଡିଜାଇନ୍‌ର ପ୍ରିଣ୍ଟ ଟି-ଶାର୍ଟ ହେଉନା କାହିଁକି ଏହାକୁ ଜିନ୍ସ, ଶର୍ଟ୍ସ ଅଥବା ଲେଗିଙ୍ଗ୍ସ ସହ ପିନ୍ଧିଲେ ସୁନ୍ଦର ଦେଖାଯାଇଥାଏ।

**✲ ଓଭର ସାଇଜ୍ ଟି-ଶାର୍ଟ:** ଏହା ଖୁବ୍ ଆରାମଦାୟକ ହେବା ସହ ଝିଅମାନଙ୍କୁ ଷ୍ଟାଇଲିଶ୍ ଲୁକ୍ ଦେଇଥାଏ। ଏହି ଟି-ଶାର୍ଟ ଲୁଜ୍ ଫିଟ୍‌ର ହୋଇଥିବାରୁ ଖରାଦିନେ ଏହାକୁ ପିନ୍ଧିଲେ ବେଶି ଗରମ ଅନୁଭୂତ ହୁଏନାହିଁ। ଏହି ଟାଇପ୍‌ର ଟି-ଶାର୍ଟକୁ ବି ଜିନ୍ସ, ଶର୍ଟ୍ସ ଅଥବା ଲେଗିଙ୍ଗ୍ସ ସହ ପିନ୍ଧାଯାଇପାରେ। ଏବେ ଏହାର ଟ୍ରେଣ୍ଡ ବେଶୀ ଚାଲିଛି।

**✲ କଲର୍ ଟି-ଶାର୍ଟ:** ଏହି ଟାଇପ୍‌ର ଟି-ଶାର୍ଟ କାଜୁଆଲ୍ ତଥା ଏଲିଗାଣ୍ଟ ଲୁକ୍ ପାଇଁ ପରଫେକ୍ଟ ହୋଇଥାଏ। ଏହା ବି ବିଭିନ୍ନ ରଙ୍ଗ ତଥା ପ୍ରିଣ୍ଟ୍ସରେ ଲପଲବ୍ଧ ହୁଏ। ଖରାଦିନେ ଏହାକୁ ଜିନ୍ସ, ଶର୍ଟ୍ସ ଅଥବା ସ୍କର୍ଟ ସହ ପେୟାର୍ କରି ପିନ୍ଧିଲେ ଲୁକ୍ ବେଶ୍ ଷ୍ଟାଇଲିଶ୍ ଲାଗେ।

**✲ କ୍ରପ୍ ଟି-ଶାର୍ଟ:** ହଟ୍ ଆଉ ଷ୍ଟାଇଲିଶ୍ ଲୁକ୍ ଦେଇଥାଏ କ୍ରପ୍ ଟି-ଶାର୍ଟ। ଏହାର ଲେଙ୍ଗ୍‌ଥ ଟିକେ ଛୋଟ ରହୁଥିବା ଯୋଗୁ ଏହାକୁ ପିନ୍ଧିଲେ ପେଟ ଦେଖାଯାଇଥାଏ। ତେବେ ଝିଅମାନେ ଚାହିଁଲେ ଖରାଦିନେ ଏହାକୁ ଶର୍ଟ୍ସ, ଜିନ୍ସ ଅଥବା ଲେଗିଙ୍ଗ୍ସ ସହ ପେୟାର୍ କରି ବେଶ୍ ଆରାମରେ ହଟ୍ ଆଣ୍ଡ ଷ୍ଟାଇଲିଶ୍ ଲୁକ୍ ପାଇପାରିବେ।

**✲ ପଫ୍ ଟି-ଶାର୍ଟ:** ଏହି ଟାଇପ୍‌ର ଟି-ଶାର୍ଟର ଉପର ଭାଗ ଟିକେ ଫୁଲିଫୁଲିକି ରହିଥାଏ ; ଯାହା ଦେଖିବାକୁ ଖୁବ୍ ଷ୍ଟାଇଲିଶ୍ ଲାଗେ। ଏହାକୁ ବି ଖରାଦିନେ ଜିନ୍ସ ହେଉକି ଶର୍ଟ୍ସ ସହ ପିନ୍ଧି ଆରାମରେ କୁଲ୍, କମ୍ଫଟେବଲ୍ ଲୁକ୍ ପାଇହେବ।

### ଫାବ୍ରିକ୍‌ର ଚୟନ

✲ ଖରାଦିନେ ପିନ୍ଧିବା ପାଇଁ କଟନ୍ ହେଉଛି ସବୁଠୁ ଭଲ ଫାବ୍ରିକ୍। କାରଣ ଏହାକୁ ପିନ୍ଧିଲେ ବେଶି ଗରମ ଅନୁଭୂତ ହୁଏ ନାହିଁ। ତେଣୁ ଝିଅମାନେ ଚାହିଁଲେ ଖରାଦିନେ କଟନ୍ ଫାବ୍ରିକ୍‌ର ଯେ କୌଣସି ଟି-ଶାର୍ଟ ପିନ୍ଧି କମ୍ଫଟେବଲ୍ ଲୁକ୍ ପାଇପାରିବେ।

✲ କେବଳ କଟନ୍ କାହିଁକି ରେୟନ୍ ହେଉକି ଲିନେନ୍ ଫାବ୍ରିକ୍‌ର ଟି-ଶାର୍ଟ ବି ଖରାଦିନେ ପିନ୍ଧିବା ପାଇଁ ବେଷ୍ଟ ହୋଇଥାଏ।











# ସୌନ୍ଦର୍ଯ୍ୟ ଓ ମାଧୁର୍ଯ୍ୟର ମହାମିଳନ: ଗୀତିକବିତା

**ପିଲାଟି ଦିନରୁ ଅର୍ଥାତ୍ ଛାତ୍ରାବସ୍ଥାର ପ୍ରାଥମିକ ପର୍ଯ୍ୟାୟରୁ ରେଡ଼ିଓରୁ ଗୀତ ଶୁଣିବା ଗୋଟେ ଅଭ୍ୟାସରେ ପଡିଯାଇଥିଲା। ହାଇସ୍କୁଲ୍ ତଥା କଲେଜ ସମୟରୁ ଏଯାବତ୍ ସେହି ଅଭ୍ୟାସରେ ଭଟ୍ଟା ପଡିନାହିଁ। ସମ୍ଭବତଃ ହୃଦୟକୁ ଛୁଇଁ ଯାଉଥିବା ଗୀତଗୁଡ଼ିକର ପ୍ରଭାବରେ ଜାଣତରେ ଅବା ଅଜାଣତରେ ଲେଖାଲେଖି ପ୍ରତି ମୁଁ ଆକୃଷ୍ଟ ହେଉଥିଲା**




ଏକାଧାରରେ ସେ ଜଣେ ଗୀତିକବି, ଗାଳ୍ପିକ ଓ ପ୍ରାବନ୍ଧିକ। ଶତାଧିକ ଗଳ୍ପ, କବିତା ଓ ପ୍ରବନ୍ଧ ରଚନା କରି ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଏହାଛଡ଼ା ସେ ଆକାଶବାଣୀର ଜଣେ ସ୍ୱୀକୃତିପ୍ରାପ୍ତ ଗୀତିକବି। ସୃଜନଶୀଳତା କ୍ଷେତ୍ରରେ ତାଙ୍କର ଅବଦାନ ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ସମେତ ଆହୁରି ଅନେକ ସମ୍ମାନ ଓ ପୁରସ୍କାରରେ ସମ୍ମାନିତ। ପେସାରେ ସେ ଭାରତୀୟ ଷ୍ଟେଟବ୍ୟାଙ୍କରେ କାର୍ଯ୍ୟ କରୁଥିଲେ ମଧ୍ୟ ନିଶା ତାଙ୍କର ଥିଲା ସାହିତ୍ୟ ସାଧନା। ସେ ହେଲେ **ମନୋଜ ପଟ୍ଟନାୟକ।** ଜନ୍ମ-୧୯୫୫ ମସିହା ଜୁନ ୨୪ ତାରିଖରେ। ମାତା ପ୍ରତିମା ପଟ୍ଟନାୟକ, ପିତା ଗୋପୀନାଥ ପଟ୍ଟନାୟକ। ଘର କଟକ ସହରର ମର୍କତ ନଗରରେ। ପିଲାଟି ଦିନରୁ ତାଙ୍କର ରେଡ଼ିଓରୁ ଗୀତ ଶୁଣିବା ଏକ ପ୍ରକାର ଅଭ୍ୟାସରେ ପଡ଼ିଯାଇଥିଲା। ଘରେ ଯେତେବେଳେ ମା' ଭାଗବତ ପଢୁଥିଲେ ତାଙ୍କ ପାଖରେ ବସି ସେ ଭାଗବତକୁ ଆବୃତି କରୁଥିଲେ; ଯାହାର ପ୍ରଭାବ ଖୁବ୍ ପଡିଥିଲା ତାଙ୍କ ଉପରେ। ସମୟକ୍ରମେ ହାଇସ୍କୁଲ ଓ କଲେଜରେ ପଢିଲାବେଳେ ରେଡ଼ିଓରୁ ହୃଦୟକୁ ଛୁଇଁ ଯାଉଥିବା ଅନେକ ଗୀତ ଶୁଣିବା ପରେ ନିଜେ ଲେଖାଲେଖି ପ୍ରତି ଆଗ୍ରହୀ ହେଲେ। କେବେଠୁ ଲେଖାଲେଖି କଲେ ସେ ସମ୍ପର୍କରେ ମନୋଜ କୁହନ୍ତି, 'ମୁଁ କେବେଠୁ ଲେଖାଲେଖି ପ୍ରତି ଆକୃଷ୍ଟ ହେଲି ସେମିତି କିଛି ନିର୍ଦ୍ଦିଷ୍ଟ ତିଥିବାର ମୋର ମନେନାହିଁ। ଲେଖାଲେଖିର ଆଗ୍ରହ ମୋ ଭିତରେ ରହିଥାଏ। ୧୯୭୦ ମସିହାରେ କଟକସ୍ଥ ପ୍ୟାରି ମୋହନ ଏକାଡ଼େମୀରୁ ମାଟ୍ରିକ ପାଶ କରିବା ପରେ ରେଭେନସା କଲେଜରୁ ୧୯୭୪ ମସିହାରେ ବାଣିଜ୍ୟରେ ସ୍ନାତକ କଲି। ଏହାପରେ ମଧୁସୂଦନ ଲ' କଲେଜରେ ୧୯୭୭ରେ ଆଇନରେ ସ୍ନାତକ ଏବଂ ଘରୋଇ ଭାବରେ ଏମ.ଏ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲି। ଏହାପରେ ୧୯୮୨ରେ ନିଯୁକ୍ତି ପାଇ ୨୦୧୫ରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କରୁ ଅବସର ନେଲି। ଏହି ସମୟ ମଧ୍ୟରେ ସାରସ୍ୱତ ସାଧନାରେ ମଧ୍ୟ ମନୋନିବେଶ କରୁଥିଲି। ମାତ୍ର କେମିତି କେତେବେଳେ ଯେ ଗୀତିକବିତାର ଗେହ୍ଲା ପଣରେ ନିଜକୁ ଅଜାଡ଼ି ଦେଇଥିଲି ତାହା ମୋର ଏଯାଏ ମନେନାହିଁ। କିନ୍ତୁ କବିତା ମୋହରେ ମୋହଗ୍ରସ୍ତ ହୋଇ ମୁଁ ଆଜିଯାଏ ଗୀତି କବିତା କ୍ଷେତ୍ରରେ ସମାଜ ଉପଯୋଗୀ ଲେଖା ଲେଖି ଚାଲିଛି। ଏହି ଗୀତିକବିତା ପାଇଁ ମୁଁ ପୂର୍ଣ୍ଣପ୍ରାଣରେ ସମର୍ପିତ। ଗୀତିକବିତା ମୋର ବ୍ରତ। ଗୀତିଧର୍ମ ମୋର କର୍ତ୍ତବ୍ୟ ଏବଂ ଗୀତି କର୍ମ ମୋର ସାଧନା ହୋଇ ଯାଇଛି। ଏମିତିରେ ଦୀର୍ଘ ୫ଦଶନ୍ଧି ମଧ୍ୟରେ ସୃଜନ ଧାରାରେ ମୁଁ ନିଷ୍ଠାବାନ ଭାବରେ ସାମିଲ ଅଛି। ଯଦିଓ ୧୯୮୬ ମସିହାଠାରୁ ଆକାଶବାଣୀର ଗୀତିକବି ଭାବେ ସ୍ୱୀକୃତି ମିଳିଛି, ତଥାପି ଏହାର ବହୁ ପୂର୍ବରୁ ମୋର ଗୀତି ଯାତ୍ରାର ଗୃହପ୍ରବେଶ ହୋଇସାରିଥିଲା। ବହୁ ପ୍ରତିଷ୍ଠିତ ସଙ୍ଗୀତ ଶିଳ୍ପୀମାନଙ୍କ ଦ୍ୱାରା ମୋର ଶହଶହ ଗୀତ ଆକାଶବାଣୀ, ଦୂରଦର୍ଶନ ଏବଂ ବିଭିନ୍ନ ରେକର୍ଡ଼ କମ୍ପାନୀ ଦ୍ୱାରା ପ୍ରସାରିତ ହୋଇ ଲୋକପ୍ରିୟତା ହାସଲ କରିଛି। ବିଶେଷକରି କଣ୍ଠଶିଳ୍ପୀ ଶେଖର ଘୋଷଙ୍କ ଏଚ୍‌ଏମ୍‌ଭି କମ୍ପାନୀ ଦ୍ୱାରା ପ୍ରସାରିତ 'କୁନିଲୋ ଘାଘରା ପିନ୍ଧି'... ଗୀତଟି ଏବେ ବି ଚିରସବୁଜ। ଜୀବନାନନ୍ଦ ପାଣୀ, ଗୁରୁକୃଷ୍ଣ ଗୋସ୍ୱାମୀ ଓ ଅକ୍ଷୟ ମହାନ୍ତିଙ୍କ ସୃଷ୍ଟି ସମୂହ ଦ୍ୱାରା ମୁଁ ପ୍ରଭାବିତ। ଏଥିଯୋଗୁ ବହୁ ବର୍ଷଧରି ଗୀତିକବିତାର ପ୍ରଚାର ପ୍ରସାର ପାଇଁ କାମ କରୁଛି। ପ୍ରକାଶିତ ପୁସ୍ତକ ମଧ୍ୟରେ- 'ହସର ରଙ୍ଗଲାଲ'(ଗଳ୍ପ ସଙ୍କଳନ), ଗୋଟିଏ ନୀଡ଼ ଅନେକ ଝଡ଼ (ଗୀତି କବିତା), 'ତୁମେ'(ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଗୀତିକବିତା) 'ଜୀବନ ପର୍ବ' (ଗୀତିକବିତା), 'ହୃଦୟର ଅଭିସାର' (ଗୀତିକବିତା), 'ଜ୍ୟୋସ୍ନାରାତିର ବାସ୍ନା' (ଗୀତିକବିତା), 'ସନେଟ୍ ତୁମ ପାଇଁ' (ସନେଟ୍ ସଙ୍କଳନ), 'ବିକାଶ ପର୍ବରେ ସାମ୍ପ୍ରତିକ ଓଡ଼ିଆ ଗୀତିକବିତା' (ପ୍ରବନ୍ଧ)। ଗୀତିକବିତାକୁ ଖୁବ୍ ଭଲ ପାଇଲା ପରି ସନେଟ୍‌କୁ ବି ମୁଁ ପ୍ରଚୁର ଭଲପାଏ। ଏବେ ଏବେ ସନେଟ୍ ପ୍ରତି ମୋର ଖୁବ୍ ଦୁର୍ବଳତାରୁ ଆଉ ଗୋଟିଏ ସନେଟ୍ ସଙ୍କଳନର ପ୍ରସ୍ତୁତି ଶେଷ ପ୍ରାୟ।

ଆଜି ମୋର ସୃଜନ କ୍ଷେତ୍ରରେ ଯେଉଁ ପରିଚୟ ସୃଷ୍ଟି ହୋଇଛି ତାହା ଈଶ୍ୱରଙ୍କ ଆଶୀର୍ବାଦ ପାଇଁ। କଟକ, ଭୁବନେଶ୍ୱର, ରାଉରକେଲା, ବ୍ରହ୍ମପୁର ଓ ପୁରୀ ସମେତ ରାଜ୍ୟର ଏକାଧିକ ସ୍ଥାନରେ ଆୟୋଜିତ ରାଜ୍ୟସ୍ତରୀୟ ଓଡ଼ିଆ ଗୀତିକବିତା ସମାରୋହ କାର୍ଯ୍ୟକ୍ରମରେ ସଭାପତି ଓ ସଂପାଦକ ଭାବେ କାର୍ଯ୍ୟ କରିପାରିଛି। କହିବାକୁ ଗଲେ ଓଡ଼ିଆ ଗୀତିକବିତା ସୌନ୍ଦର୍ଯ୍ୟ ଓ ମାଧୁର୍ଯ୍ୟର ମହାମିଳନ। ମୋ ସୃଜନଶୀଳତା ପାଇଁ ପୁରସ୍କାର ଭାବେ ମୁଁ ସୁନ୍ଦରଗଡ଼ ସାହିତ୍ୟ ସଂସଦ, ଓଡ଼ିଆ ସାହିତ୍ୟ ଏକାଡେମୀ (୨୦୧୧), ଭାଗ୍ୟଲିପି (କାନ୍ତିବାନାଜୀ ସ୍ମୃତି ସମ୍ମାନ, ନାରାୟଣ ମୁଦୁଲି ଫାଉଣ୍ଡେସନ, ପୁଣ୍ୟପ୍ରଜ୍ଞ ଗୀତି ଗୌରବସମ୍ମାନ, ସ୍ୱାଗତିକା ଗୀତିରତ୍ନ ସମ୍ମାନ, ଶରତ ସାହିତ୍ୟ ପରିଷଦ ସାରସ୍ୱତ ସମ୍ମାନ, କୋରେଇ ସାହିତ୍ୟ ମହୋତ୍ସବ, ଉତ୍କଳ ସାହିତ୍ୟ ସମାଜ ସମ୍ମାନ, ଗୋକର୍ଣ୍ଣିକା ଗୀତି କବିତା ସମ୍ମାନ ଆଦି ପାଇଛି।

ଗୀତିକବିତାଟିଏ ଜନ୍ମ ନେବା ପୂର୍ବରୁ ଭାବକୁ କିପରି ଶବ୍ଦରେ ପରିପ୍ରକାଶ କରିପାରିବି ତାହାର ଯଥାର୍ଥତା ପ୍ରତିପାଦନ କରିବାର ଏକ ଅବ୍ୟକ୍ତ ଯନ୍ତ୍ରଣା ଅନୁଭବ କରେ। କିନ୍ତୁ ଭାବର ଭାଷା ଶବ୍ଦରେ ବ୍ୟକ୍ତ ହୋଇଗଲେ ତାହାର ପରିପୂର୍ଣ୍ଣତାରେ ଈଶ୍ୱରୀୟ ଆନନ୍ଦ ମିଳେ। ଲେଖୁ ଲେଖୁ ଲେଖିବା ନ୍ୟାୟରେ ଆଜି ମୁଁ ଯେଉଁଠି ପହଞ୍ଚିଛି ତାହାର ହକ୍‌ଦାର ମୋର ସୁଧୀ ସାହିତ୍ୟ ଓ ସଙ୍ଗୀତ ପ୍ରେମୀମାନେ; ଯେଉଁମାନଙ୍କର ଅନ୍ତରଙ୍ଗ ଭଲ ପାଇବାରେ ମୁଁ ସମ୍ମାନିତ ଓ ସମ୍ବର୍ଦ୍ଧିତ। ଓଡ଼ିଆ ଭାଷା ସାହିତ୍ୟର ବିପୁଳ ସାମ୍ରାଜ୍ୟରେ ଗୀତିକବିତା ମୋତେ ଯେଉଁ ଛୋଟିଆ ପରିଚୟ ଦେଇଛି, ସେଥିପାଇଁ ମୁଁ କୃତଜ୍ଞ।





-ବନବିହାରୀ ବେହେରା



# ରକ୍ତାକ୍ତ ବରଫ

–ଚିନ୍ମୟ ରଞ୍ଜନ ମିଶ୍ର

ଅବାକ୍
ମୁଣ୍ଡ ଟେକି ବାଟ ଚାଲି ଶିଖିବା ବଡ଼ ଭୁଲ୍ ତାଙ୍କ ପାଇଁ
ଏକ ତପସ୍ୟା ଭିତରେ ନିମଗ୍ନ ହେବା ଅନୁଚିତ
ଉଠରେ କପୋତ ଉଠ ଡାକି
ବାହୁନା ବନ୍ଦ ହେଉ ଥରେ
ମନକୁ ସ୍ୱର୍ଗାରୋହଣ ସେମାନେ କରିନାହାନ୍ତି
ତମାମ ରାସ୍ତାରେ ଆପଲ ବଗିଚା
ଆକାଶ ଛୁଆଁ ପାଇନ ବଣ
ପାହାଡ଼ ଠୁଁ ତୁଚ୍ଛ ତୁଷାର
ତଥାପି ରକ୍ତ ଆଉ ରକ୍ତ
ଅସଜଡ଼ା କଫିନ, ଲିଭା ସୁର୍ମା
ନିର୍ବାକ ଘଣ୍ଟି, ପୋଡା ଦୀପାଳି ॥
ନିରୁପାୟ
ମଜବୁରିରେ ଖୁଦା ପାଇଁ ଈଶ୍ୱର ବାଜି ଲାଗିବା
ମଜହବ୍‌ରେ ଆତଙ୍କ ଓ ଆକ୍ରୋଶ
ପ୍ରଥମ ପ୍ରଶ୍ନ ପଚାରି ପାରିବ
ଆହତ ଯୁଦ୍ଧ କ୍ଷେତ୍ରର ଜୀବନ୍ତ କ୍ଷତ
ନୂଆ ପ୍ରେମିକାର ଲୁହ ପ୍ରଚଣ୍ଡ ଶବ୍ଦ
ଧର୍ମର ମାନେ ମୃତ୍ୟୁ ଏକ ସତ୍ୟ
ଈଶ୍ୱର–ଆଲ୍‌ହା ରେଶମ କପଡ଼ାରେ ଉଭୟେ
ଲୁହ ପୋଛା ପୋଛି
ନିଜକୁ ନିଜେ ବୁଝାଇ ।
ଏବଂ
ଡାଲ୍ ହ୍ରଦରେ ବିଷ
ଢାଳିବା ସାର କେବଳ
ଅମୃତ ସ୍ପର୍ଶ ପାଇ ମୋକ୍ଷ ହୋଇଯିବ
ପେଲେଟ, ପଥର, ବୁଲେଟ.....
ଅନ୍ୟଇଚ୍ଛାରେ ଚାଲୁଥିବା ନିର୍ଜୀବ
କେବେ କଥା କହେ
କେବେ ଅନିଚ୍ଛା ହୁଏ
ଟ୍ରିଗର ହେଉ ବା ଜିଭ
ସେ ଡେଇଁବା ଶିଖିଛି
ହୃଦୟ ଏବଂ ଶରୀର
କେବଳ ଭେଦିବା ସାରି
ଅବଚନ ଗଣ୍ଡେ ଅଧେ ହେବା
ଛଡା ଅନ୍ୟ କିଛି ନାହିଁ ।

*–ରାୟସିଂହପୁର ଶାସନ, ପିତଳ, ଗଞ୍ଜାମ*
*ମୋ: ୯୪୩୯୪୦୭୧୮୯*

# ଠାକୁରାଣୀ

– ସ୍ମୃତି ମିଶ୍ର

**ମୋ** ଘରେ କାମ କରୁଥିବା ସ୍ତ୍ରୀ ଲୋକଟି ମୋ ସକାଳ ଚା ପିଇବା ସାଙ୍ଗ । ପ୍ରାୟ ପ୍ରତିଦିନ ସେ ମତେ କହେ ପୂର୍ବ ରାତିରେ ସେ କାହିଁକି ମାଡ଼ ଖାଇଲା ଆଉ କାହିଁକି କାନ୍ଦିଲା । ଦିନେ ମୁଁ ପଚାରିଲି, ‘‘କାହିଁକି ସମସ୍ତେ ତୋ ଉପରେ ଅଶାନ୍ତି ।’’ ସେ କହିଲା, ‘‘ସେମାନେ ଭାବନ୍ତି ତାଙ୍କୁ ଖୁସି କରିବା ଆଉ ତାଙ୍କ ଫର୍ମାଇସ ପୂରଣ କରବା ମୋ କାମ । ସେଥିରୁ ଟିକେ ଏପଟ ସେପଟ ହେଲେ ମୋ ଉପରେ ରାଗ ଶୁଝାଇ ଦିଅନ୍ତି । କିନ୍ତୁ ଏବେ ମୁଁ ସବୁ ଚେଷ୍ଟା କରି ସାରିଲିଣି ସେମାନଙ୍କୁ ଶାନ୍ତି କରିବାକୁ । ସେମାନେ କିନ୍ତୁ କେଉଁଥିରେ ଖୁସି ନୁହନ୍ତି ।’’

ମୁଁ ପଚାରିଲି, ‘‘ତା’ହେଲେ ଆଉ କ’ଣ କରିବୁ ।’’ ସେ କହିଲା, ‘‘ଭାବୁଛି କ’ଣ ତ ଗୋଟେ କରିବାକୁ ପଡ଼ିବ ଆଉ ମାଡ଼ ଖାଇ ରହି ହବନି ।’’

ଦି ଦିନ ପରେ ସେ ଆଉ ଆସିଲାନି । ତା’ପରେ ହଠାତ୍ ଦିନେ ତା’ ନଣନ୍ଦକୁ ନେଇ ସନ୍ଧ୍ୟାରେ ମୋ ପାଖକୁ ଆସିଲା । ଚୁଡ଼ି ସିନ୍ଦୂର ନାଲି ଶାଢ଼ି ପିନ୍ଧି ଠିକ୍ ନୂଆବୋହୂ ପରି ଦିଶୁଥାଏ । ମୋ ଆଖିର ପ୍ରଶ୍ନକୁ ବୁଝିପାରି ତା’ ନଣନ୍ଦ କହିଲା, ‘‘ମା, ଭାଉଜ ଦେହକୁ ଠାକୁରାଣୀ ଆସୁଛନ୍ତି ତ ସେ ଆଉ କାମ କରିବେନି । କାଲି ଠୁଁ ମୁଁ ଆସିବି ତମ କାମକୁ ।’’ ଆଉ ତା’ ଓଠରେ ଫୁଟି ଆସୁଥିଲା ଆତ୍ମତୃପ୍ତିର ହସଟେ ।

*– ସିଡିଏ ୧୦, କଟକ, ମୋ: ୮୯୮୪୮୪୪୨୩୮*

# ସେ ଯଦି ଆସନ୍ତା ଫେରି

– ଡଃ. ସରୋଜିନୀ ଷଡଙ୍ଗୀ

**ସେ’** ଯଦି ଆସନ୍ତା ଫେରି
ଥରେ ମାତ୍ର ଥରଟିଏ ପାଇଁ
ଅଗ୍ନିଫୁଲ ପରି
ଫୁଟି ଫୁଟି ଏ ମୋର କାନନେ
ସେ ଥରେ ଆସନ୍ତା ଯଦି
ସୂର୍ଯ୍ୟାଲୋକ ପରି
ଝରି ଝରି ଏ ମୋର ଅଂଗନେ
ପଣତ କାନିରେ ତା’ର
ମୁହଁ ମୋର ପୋଛି ଦେଇ
ମତେ ଥରେ ଆଦର କରନ୍ତା,
ମୁଁ ସତରେ ମାସ ମାସ
ବର୍ଷ ବର୍ଷ, ଯୁଗ ଯୁଗ ଧରି
ମୋ ବୋଉର ପ୍ରତୀକ୍ଷା କରନ୍ତି
ମୋ ବୋଉର ସ୍ନେହଭିଜା ଆଖି ଆଉ
ତା’ ମିଠା ପରଶ ପାଇଁ
କାଳ କାଳ ଅପେକ୍ଷା କରନ୍ତି
ତୋ ମାଟିର ଶରୀରକୁ
ମନ ଭରି ଛୁଇଁଦେଇ
ସାରା ଜନ୍ମର ଯନ୍ତ୍ରଣା
ଚିରଦିନ ଭୁଲି ମୁଁ ଯାଆନ୍ତି ।

*–ଲିଙ୍କ ରୋଡ, କଟକ–୧୨*
*ମୋ: ୯୪୩୭୦୫୫୦୦୭*

# ପାଞ୍ଚୋଟି ଏକପଦୀ

–ଡ. ଭରତ ଚନ୍ଦ୍ର ଦାଶ

**ଅ**ମୃତ ସନ୍ଧାନ ସଦା ଯା’ରେ ମନ
ପ୍ରୀତି ମୋ ପୀୟୂଷ ଝର
ସପ୍ତ ସିନ୍ଧୁ ମିଶି ସୁଧା ରସେ ରସି
ଲଭିଛି ଜାହ୍ନବୀ ଧାର ।

**ଦୁଇ**
ଆଖିରେ ତୁମର କି ଯାଦୁ ଭରିଛ
ଚିତ୍ତ ହୁଏ ମୋର ଚୋରି
ସେ ଆଖିର ଭାଷା ପ୍ରୀତି ପରିଭାଷା
ପାରିନି ଆୟତ୍ତ କରି ।


**ତିନି**
ମିଳନରେ ତୁମେ ବିରହରେ ତୁମେ
ତୁମେ ମୋ ଜୀବନ ଗୀତି
ଦେହ ଓ ବିଦେହ ଦିବ୍ୟ ପ୍ରେମମୟ
ପ୍ରଣୟ ଓଁକାର ଜ୍ୟୋତି ।

**ଚାରି**
ମୁଁ ଏମିତି ସଖୀ ବସିଛି ନିରେଖି
ପ୍ରୀତିର ପଥକୁ ଚାହିଁ
ଅବସର ବେଳେ ଆସିବ ମୋ କୋଳେ
ପରଶ ଲଭିବା ପାଇଁ ।

**ପାଞ୍ଚ**
ନିଶବ୍ଦରେ ପ୍ରୀତି ବିରହରେ ରାତି
ବିଦେହ ବିଜନେ ରତି
କୁହ କେଉଁ ନାରୀ ଲଭିଛି କସ୍ତୁରୀ
ମିଳନ ମଧୁର ରାତି ।

---XXX---

*– ମାର୍କୋଣା, ବାଲେଶ୍ୱର*
*ମୋ: ୮୯୮୪୪୩୯୧୬୬*



# ଢୋଲକିରେ ପଡ଼ିଥିଲେ ଦୀପିକା

ଜଣେ କଳାକାର ଜୀବନରେ ଅନେକ ରୋମାଂଚକର ଘଟଣା ଘଟିଥାଏ । ଆଉ ସେଥିରୁ ବା ଦୀପିକା ପାଦୁକନ ବାଦ୍ ପଡିବେ କିପରି ? କଥା କ'ଣ କି ଦୀପିକାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ଓମ୍ ଶାନ୍ତି ଓମ୍' । କିନ୍ତୁ ଏହି ସମୟରେ ତାଙ୍କୁ ଆଉ ଏକ ଅଫର ବି ମିଳିଥିଲା । ସଞ୍ଜୟ ଲୀଳା ଭଁସାଲୀଙ୍କ 'ସାଓ୍ୱରିୟାଁ'ରେ ସେ ରଣବୀର କପୁରଙ୍କ ନାୟିକା ସାଜିଥାଆନ୍ତେ । ହେଲେ ବିଧିର ବିଧାନ ଥିଲା ଅଲଗା । ଏହା ପୂର୍ବରୁ ସେ 'ଓମ୍ ଶାନ୍ତି ଓମ୍' ପାଇଁ କଥା ଦେଇସାରିଥିଲେ । ତେଣୁ ବାଧ ହୋଇ ଏହି ସୁଯୋଗକୁ ହାତଛଡା କରିଥିଲେ । ଏ ବିଷୟରେ ଦୀପିକା କହନ୍ତି, ''ମୋତେ ଏକାଥରେ ଦୁଇଟି ଭଲ ଅଫର ମିଳିଥିଲା । ପ୍ରଥମେ ଫରହା ଖାଁ ତାଙ୍କର 'ଓମ୍ ଶାନ୍ତି ଓମ୍' ପାଇଁ ମୋତେ ଅଫର ଦେଇଥିଲେ । ଏଭଳି ଏକ ସୁଯୋଗକୁ ମୁଁ ହାତଛଡା କରିବାକୁ ଚାହୁଁ ନ ଥିଲି । ତେଣୁ ସେଥିପାଇଁ ଡେଟ୍ ମଧ ଫାଇନାଲ ହୋଇସାରିଥିଲା । କିନ୍ତୁ ଏହାର ଅଳ୍ପ ଦିନ ପରେ 'ସାଓ୍ୱରିୟାଁ' ଅଫର ମିଳିଲା । ଆଉ ବାଧ ହୋଇ ସଞ୍ଜୟ ସାର୍‌ଙ୍କ ଏହି ସୁଯୋଗକୁ ମୁଁ ହାତଛଡା କରିଥିଲି ।''


ଦୀପିକା

# ଭାବାନ୍ତର

ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା । ଏହାର ଟାଇଟଲ ରହିଛି 'ଭାବାନ୍ତର' । କାହାଣୀ ତିନୋଟି ମୁଖ୍ୟ ଚରିତ୍ର-ଶ୍ରୀତମ, ଶ୍ରାବଣୀ ଏବଂ ମିଳନ୍‌କୁ ନେଇ ଗତି କରିଛି । ସମୟକ୍ରମେ ଶ୍ରୀତମଙ୍କ ସହ ଶ୍ରାବଣୀଙ୍କର ବିବାହ ଅନୁଷ୍ଠିତ ହୁଏ । କିନ୍ତୁ ବାସର ରାତିରେ କାହାଣୀ ନିଏ ନୂଆ ମୋଡ । ପୂର୍ବରୁ ମିଲନ୍ ପ୍ରେମରେ ପଡି ସାରିଥାଆନ୍ତି ଶ୍ରାବଣୀ । ତେଣୁ ଶ୍ରୀତମଙ୍କ ନିକଟରେ ଶ୍ରାବଣୀ ନିଜ ପ୍ରେମ କାହାଣୀ ବର୍ଣ୍ଣନା କରି ବାହାର ଲୋକଙ୍କ ଆଗରେ ସ୍ୱାମୀ-ସ୍ତ୍ରୀ ଭାବରେ ଅଭିନୟ କରିବାକୁ କୁହେ । ସେପଟେ ମିଲନ ଆଉ ଏକ ଭୂମିକାରେ ଶ୍ରାବଣୀ ପାଖରେ ପହଞ୍ଚନ୍ତି । ତେବେ ଏହି ସମୟରେ ଏହି ତ୍ରିକୋଣୀୟ ପ୍ରେମ କାହାଣୀ କି ରୂପ ନିଏ ? ଶ୍ରାବଣୀ କ'ଣ ନିଜ ପ୍ରେମିକକୁ ଫେରି ପାଇବାରେ ସକ୍ଷମ ହୁଅନ୍ତି ? ଏସବୁର ଉତ୍ତର ରହିଛି ଏହି ସିନେମାରେ । ଏହି ଚଳଚ୍ଚିତ୍ରର ଚିତ୍ରନାଟ୍ୟ, ସଂଳାପ ରଚନା କରିବା ସହ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ବିଶିଷ୍ଟ ନିର୍ଦ୍ଦେଶକ ଅନନ୍ତ ମହାପାତ୍ର । କାହାଣୀ ରଚନା କରିଛନ୍ତି ଅଜୟ ମହାପାତ୍ର । ଦେବଦାସ ଛୋଟରାୟଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଶକ୍ତି ପ୍ରସାଦ ମିଶ୍ର । ଏହାର ସହଯୋଗୀ ନିର୍ଦ୍ଦେଶକ ଅଛନ୍ତି ଅଜୟ ରଥ । ଅଭିଷେକ ରଥ, ସୂର୍ଯ୍ୟମୟୀ, ସରୋଜ ନନ୍ଦ, ରବି ତ୍ରିପାଠୀ, ବିନାୟକ ମିଶ୍ର, ମମତା ସାହୁ ଏବଂ ପ୍ରିୟା ବିଶୋୟୀ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି । ଫିଲ୍ମଟି ଖୁବ୍ ଶୀଘ୍ର ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି ।


'ଭାବାନ୍ତର' ଫିଲ୍ମରେ ସୂର୍ଯ୍ୟମୟୀ-ଅଭିଷେକ

# ଅବସର ମିଳିଲେ..

ବାଣୀ କପୁରଙ୍କୁ ଯେତେବେଳ ଅବସର ମିଳେ ସେତେବେଳେ ସେ କ'ଣ କରନ୍ତି ? ନିଶ୍ଚୟ ପରିବାର ସଦସ୍ୟଙ୍କ ସହ ସମୟ କଟାଉଥିବେ, ନ ହେଲେ ଶପିଂ କରୁଥିବେ କିମ୍ବା ସାଙ୍ଗମାନଙ୍କ ସହ ଖଟିରେ ବ୍ୟସ୍ତ ରହୁଥିବେ । ହେଲେ ଅସଲ କଥା ସେଇଆ ନୁହେଁ । ଅବସର ମିଳିବା ମାତ୍ରେ ସେ କୁଆଡେ ଯାଆନ୍ତି ଜାଣନ୍ତି ? ତାଙ୍କର ମିନି ଚିଡିଆଖାନାକୁ । ସେଠାରେ ସେ ପ୍ରାୟ ୭୦ଟି କୁକୁର, ବିଲେଇ, ବତକ ଆଦି ପାଳିଛନ୍ତି । ଏହାବ୍ୟତୀତ ଆଉ କେତେକ ଜୀବଜନ୍ତୁଙ୍କୁ ସେଠାରେ ଦେଖିବାକୁ ମିଳିବ । ଏ ନେଇ ବାଣୀ କହନ୍ତି, 'ପିଲାଟି ଦିନରୁ ପଶୁପକ୍ଷୀଙ୍କ ପ୍ରେମରେ ମୁଁ ପଡିଯାଇଥିଲି । ଏବେ ସେମାନଙ୍କର ସୁରକ୍ଷା ପାଇଁ କାମ କରୁଛି । କାରଣ ସେମାନଙ୍କ ସହ ମିଶିଲେ ମୋତେ ଯେଉଁ ଖୁସି ଲାଗେ ତାହା ମୁଁ ବର୍ଣ୍ଣନା କରିପାରିବି ନାହିଁ । ଆମ ପରିବାରର ସଦସ୍ୟମାନେ ଘରେ ଏକ ମିନି ଚିଡିଆଖାନା ଖୋଲିଛନ୍ତି କହିଲେ ଭୁଲ ହେବ ନାହିଁ । ସେଠାରେ ବିଭିନ୍ନ ପ୍ରକାର ଜୀବଜନ୍ତୁ ଅଛି । ମୋତେ ଅବସର ମିଳିବା ମାତ୍ରେ ମୁଁ ଆମର ସେହି ମିନି ଜୁ'ରେ ଥିବା ପଶୁପକ୍ଷୀଙ୍କ ସହ ସମୟ କଟାଏ । ସେମାନଙ୍କ ରକ୍ଷଣାବେକ୍ଷଣ ଠିକ୍ ଭାବେରେ ଚାଲିଛି କି ନାହିଁ ବୁଝିନିଏ ।' ବାଣୀଙ୍କ ଅଭିନୀତ ପ୍ରମୁଖ ସିନେମାଗୁଡିକ ମଧ୍ୟରେ ରହିଛି-'ଶୁଦ୍ଧ ଦେଶୀ ରୋମାନ୍ସ', 'ବେଫିକ୍ରେ', 'ଓ୍ୱାର୍', 'ବେଲ୍ ବଟମ୍' ଏବଂ ଚଳିତ ମାସ ଏକ ତାରିଖରେ ରିଲିଜ ହୋଇଥିବା 'ରେଡ୍ ୨' ।


ବାଣୀ

# ଚିନ୍ତା କରୁଛନ୍ତି ସଲମାନ୍

ଥରେ ମନେ ପକାନ୍ତୁ ନା କବୀର ଖାଁଙ୍କ ନିର୍ଦ୍ଦେଶିତ 'ବଜରଙ୍ଗୀ ଭାଇଜାନ୍' ଫିଲ୍ମକୁ । ୨୦୧୫ ଜୁଲାଇ ୧୭ରେ ମୁକ୍ତିଲାଭ କରିଥିବା ଏହି ଫିଲ୍ମଟି ବକ୍ସ ଅଫିସରେ ସୁପରହିଟ୍ ସାବ୍ୟସ୍ତ ହୋଇଥିଲା । ଏହାର ବଜେଟ୍ ଥିଲା ମାତ୍ର ୭୫ କୋଟି, କିନ୍ତୁ ଚିତ୍ରଟି ପ୍ରାୟ ୯୧୮କୋଟି ଆୟ କରିଥିଲା । ଏହାର ଟାଇଟଲ ଭୂମିକାରେ ଅଭିନୟ କରିଥିଲେ ସଲମାନ ଖାଁ । ଆଉ ଏବେ ସଲମାନ ଏକ ନୂଆ କଥା ଚିନ୍ତା କରୁଛନ୍ତି । ତାହା କ'ଣ ଜାଣନ୍ତି ? ଖୁବ୍ ଶୀଘ୍ର ସେ ଏହି ଫିଲ୍ମର ସିକ୍ୱେଲ ନିର୍ମାଣ କରିବାକୁ ଯୋଜନା କରୁଛନ୍ତି । ଏ ବିଷୟରେ ସଲମାନ୍ କହନ୍ତି, ''ମୋ ଅଭିନୀତ 'ବଜରଙ୍ଗୀ ଭାଇଜାନ୍'କୁ ଦର୍ଶକ ଗ୍ରହଣ କରିଥିଲେ । ଏବେ ଚନ୍ତା କରୁଛି ଏହାର ସିକ୍ୱେଲ ନିର୍ମାଣ କରିବି । ଉକ୍ତ ନୂଆ ସିନେମାର କାହାଣୀକୁ କିପରି ରୂପ ଦେଲେ ତାହା ପୁଣି ଦର୍ଶକାଦୃତ ହୋଇପାରିବ ସେ ନେଇ ଆଲୋଚନା ଚାଲିଛି । ଯେହେତୁ ସବୁ ପ୍ରାରମ୍ଭିକ ପର୍ଯ୍ୟାୟରେ ରହିଛି, ତେଣୁ ଏ ନେଇ ସବିଶେଷ ସୂଚନା ଦେବା ଠିକ୍ ନୁହେଁ । ସଲମାନ୍‌ଙ୍କ ଅଭିନୀତ ଶେଷ ଫିଲ୍ମ 'ସିକନ୍ଦର' ବକ୍ସ ଅଫିସରେ ଅଶାନୁରୂପ ବିଜନେସ୍ କରିଥିଲା । ତେବେ 'ବଜରଙ୍ଗୀ ଭାଇଜାନ୍ ୨' କେବେ ସିନେମାର ରୂପ ନେଉଛି ତାହା ଦେଖିବାକୁ ବାକି ରହିଲା ।


ସଲମାନ୍

# ବରୁଣଙ୍କ ପ୍ରଶଂସାରେ ମୌନି

ମୌନି ରୟଙ୍କ ଖୁସି ଏବେ କହିଲେ ନ ସରେ । କାରଣ କ'ଣ ଜାଣନ୍ତି ? ସେ ଏବେ ଏକ ନୂଆ ସିନେମାରେ ବରୁଣ ଧୱନଙ୍କ ସହ ସ୍କ୍ରିନ ସେୟାର କରିବାକୁ ଯାଉଛନ୍ତି । ପୁଣି ଏମିତି ସଂଯୋଗ ଯେ ଏହି ଫିଲ୍ମର ନିର୍ଦ୍ଦେଶନା ଦେବେ ବଲିଉଡର ବିଶିଷ୍ଟ ନିର୍ଦ୍ଦେଶକ ତଥା ବରୁଣଙ୍କ ପିତା ଡେଭିଡ୍ ଧୱନ । ଉକ୍ତ ସିନେମାର ଟାଇଟଲ ରହିଛି 'ହେ ଜୱାନି ତୋ ଇସ୍କ ହୋନା ହେଁ' । ଏକ ତ୍ରିକୋଣୀୟ ପ୍ରେମ କାହାଣୀକୁ ନେଇ ଏହାର କଥାବସ୍ତୁ ଗତିଶୀଳ । ସେପଟେ ବରୁଣଙ୍କ ସହ ଆକ୍ଟିଙ୍ଗ ସୁଯୋଗ ପାଇବା ପରେ ମୌନିଙ୍କ ମନ ସତେ ଯେମିତି ଆକାଶରେ ଉଡୁଛି । ତା'ସହ ସେ ଯୁଆଡେ ଯାଉଛନ୍ତି ବରୁଣଙ୍କୁ ପ୍ରଶଂସାରେ ପୋତି ପକାଉଛନ୍ତି । ଏପରିକି ଏହି ଫିଲ୍ମ ବକ୍ସ ଅଫିସରେ ଭଲ ବିଜନେସ୍ କରିବ ବୋଲି ସେ ପୂର୍ବାନୁମାନ କରିଛନ୍ତି । ଟିପସ ବ୍ୟାନରରେ ପ୍ରସ୍ତୁତ ତଥା ରମେଶ ତୌରାନୀଙ୍କ ଦ୍ୱାରା ପ୍ରଯୋଜିତ ଏହି ସିନେମାରେ ମୃଣାଳ ଠାକୁର ମଧ ଅଭିନୟ କରିବେ । ତେବେ ଏହି ଫିଲ୍ମ ମୌନିଙ୍କ କ୍ୟାରିୟରକୁ କି ମୋଡ଼ ଦେଉଛି ତାହା ରିଲିଜ ହେଲେ ହିଁ ଜଣା ପଡିବ ।


ମୌନି

# ଯାହା ଖୋଜୁଥିଲେ ଅନନ୍ୟା...

ବେଳେବେଳେ ମଣିଷ ଯାହା ଖୋଜୁଥାଏ ତାହା ହାତ ପାଆନ୍ତାରେ ମିଳିଯାଏ । ଦେଖୁନାହାନ୍ତି ଚଙ୍କି ତନୟା ଅନନ୍ୟା ପାଣ୍ଡେ କେମିତି ଯାହା ଖୋଜୁଥିଲେ ତାହା ତାଙ୍କୁ ମିଳିଯାଇଛି । ତାଙ୍କ ପ୍ରଶଂସକଙ୍କ ସହ ଆହୁରି ନିବିଡ଼ ଭାବରେ ଯୋଡି ହୋଇ ରହିବାର ଏକ ସହଜ ତଥା ସରଳ ଉପାୟ ତାଙ୍କୁ ମିଳି ଯାଇଛି । ତାହା ହେଉଛି ସୋସିଆଲ ମିଡ଼ିଆ । ଏ ବିଷୟରେ ସେ କୁହନ୍ତି, ''ଗତ କିଛି ମାସ ହେବ ମୁଁ ସୋସିଆଲ ମିଡ଼ିଆ ସହ ଅଧିକ ଜଡିତ ରହିଛି । ଏହାଦ୍ୱାରା ମୋ ପ୍ରଶଂସକଙ୍କ ସଂଖ୍ୟା ବଢି ଚାଲିଛି । ସେମାନଙ୍କ ଭଲ ପାଇବା ପାଇଁ ମୁଁ ଆଜି ବଲିଉଡରେ ତିଷ୍ଠି ରହିଛି । ଏ ନେଇ ସେମାନଙ୍କୁ ଯେତେ ଧନ୍ୟବାଦ ଦେବି ତାହା କମ ହେବ । ମୋ ମତରେ ପ୍ରଶଂସକଙ୍କ ସହ ଯୋଡି ହୋଇ ରହିବାର ଏକ ଭଲ ମାଧ୍ୟମ ହେଲା ସୋସିଆଲ ମିଡିଆ ।'' ଏବେ ତାଙ୍କ ହାତରେ ଦୁଇଟି ନୂଆ ଅଫର ରହିଛି ।


ଅନନ୍ୟା

# ପ୍ରଥମ ଦରମାକୁ ଇଚ୍ଛା ମୁତାବକ ଖର୍ଚ୍ଚ କରିପାରି ନ ଥିଲି

ପ୍ରଥମ ରୋଜଗାର



ସାହିତ୍ୟିକା **ଡ. ସୁମିତ୍ରା ମିଶ୍ର** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

**ମୋ** ଜୀବନର କାହାଣୀ ୧୯୫୦-୬୦ ଭିତରେ ଜନ୍ମ ନେଇଥିବା ଅଧିକାଂଶ ନାରୀଙ୍କ କାହାଣୀ ଭିତରୁ ଗୋଟିଏ । କାରଣ ଆମେ ଉଚ୍ଚଶିକ୍ଷିତା, କର୍ମଜୀବୀ ମହିଳା ହେଲେ ମଧ୍ୟ ସାମାଜିକ ଓ ପାରିବାରିକ ସଂସ୍କାରର ନିଗଡ଼ରେ ଏମିତି ଛନ୍ଦାବନ୍ଧା ହୋଇ ରହିଥିଲୁ ଯେ, ନିଜକୁ ସ୍ୱାଧୀନ ବା ସଶକ୍ତ କରିବାକୁ ସାହସ କରିପାରି ନ ଥିଲୁ । ତେଣୁ ପ୍ରଥମ ରୋଜଗାର ବିଷୟରେ ଚିନ୍ତା କଲାବେଳେ ମୋର ଠିକ୍ ମନେପଡୁନି ପ୍ରକୃତରେ କ'ଣ କେମିତି ହୋଇଥିଲା, କିପରି ସେ ଟଙ୍କା ମୁଁ ଖର୍ଚ୍ଚ କରିଥିଲି । କାରଣ ମୁଁ କେବେ ମୋ ଦରମା ଟଙ୍କାର ମାଲିକ ନ ଥିଲି, ତେଣୁ ତାକୁ ଖର୍ଚ୍ଚ ବା ବ୍ୟବହାର କରିବାର ଅଧିକାର ପାଇବି କେଉଁଠୁ ?

ମୂଳରୁ ଆରମ୍ଭକଲେ କଥାଟି ଏମିତି । ବାଲେଶ୍ୱର ଜିଲାର ଏକ ନିପଟ ମଫସଲ ବ୍ରାହ୍ମଣ ଶାସନରେ ମୋର ଜନ୍ମ ୬ଷ୍ଠ ସନ୍ତାନ ଭାବେ । ମା' ସରସ୍ୱତୀଙ୍କ ଆଶିଷରୁ ୩ୟ, ୫ମ, ୭ମ, ଏକାଦଶ ସବୁ ଶ୍ରେଣୀରେ ବୃତ୍ତି ପାଇବା ହେତୁ ମୋର ପାଠପଢ଼ା ବନ୍ଦ କରାଗଲା ନାହିଁ । ଉପର ଭାଇମାନଙ୍କ କଲେଜ ପଢ଼ାଖର୍ଚ୍ଚ ଯୋଗୁ ଝିଅମାନଙ୍କ ପାଠପଢ଼ା ବନ୍ଦ କରିବାକୁ ଯୋଜନା ହୋଇଥିଲା ; ମାତ୍ର ବୃତ୍ତି ପାଇବା ଯୋଗୁ ମୋ ପଢ଼ା ଜାରି ରହିଲା । ମାଟ୍ରିକ୍ ପରୀକ୍ଷାରେ ନ୍ୟାଶନାଲ ସ୍କଲାରଶିପ୍ ପାଇ ୨ ବର୍ଷ ବଡ଼ ଭାଇଙ୍କ ପାଖରେ ରହି ଅନୁଗୋଳରେ ବିଜ୍ଞାନ ପାଠ ପଢ଼ିଲି । ପରେ ରେଭେନ୍ସା କଲେଜରେ ଇଂରାଜୀରେ ସ୍ନାତକ ଓ ସ୍ନାତକୋତ୍ତର ପଢ଼ି ୧୯୭୮ ମସିହା ଅଗଷ୍ଟରେ ସରକାରୀ କଲେଜରେ ମାତ୍ର ୨୩ ବର୍ଷ ବୟସରୁ ଚାକିରି ଆରମ୍ଭ କଲି । ସେହି ବର୍ଷ ନଭେମ୍ବରରେ ମୋ ବିବାହ ହୋଇଗଲା ଜଣେ ଇଂରାଜୀ ଅଧ୍ୟାପକଙ୍କ ସହ, ଯିଏ ମୋତେ ପାଠ ପଢ଼ିବା ସମୟରୁ ଭଲ ପାଉଥିଲେ । ସେ ସମୟରେ ମୋର ଥିଲା ଏହା ଆଡହକ ଚାକିରି । ପ୍ରତି ୬ମାସରେ ଥରେ ଦରମା ମିଳୁଥିଲା । ଆରମ୍ଭ ଦରମା ଥିଲା ୭୬୦ ଟଙ୍କା । କହିବାକୁ ଗଲେ ସେ ସମୟ ପାଇଁ ଦରମା କିଛି କମ୍ ନ ଥିଲା । କାରଣ ସେତେବେଳେ ଆମେ ମଟନ କେଜି ୫୦ ପଇସାରେ କିଣୁଥିଲୁ । ବିଶ୍ୱାସ କରିପାରିବେନି ଘରଭଡ଼ା ସହ ଆମ ସ୍ୱାମୀସ୍ତ୍ରୀଙ୍କ ମାସିକ ଖର୍ଚ୍ଚ ଯେମିତିକି ସିନେମା, ବଜାରରେ ଜଳଖିଆ ଖାଇବା, ବୁଲାବୁଲି କରିବା ଆଦିରେ ଖର୍ଚ୍ଚ ହେଉଥିଲା ମାତ୍ର ୧୫୦ଟଙ୍କା । ୨ ଜଣଙ୍କ ଦରମା ମିଶି ହେଉଥିଲା ୧୫୦୦ରୁ ଅଧିକ । ବେଶ୍ ସଞ୍ଚୟ କରୁଥିଲୁ ଓ ଘରଲୋକଙ୍କୁ ସାହାଯ୍ୟ କରୁଥିଲୁ ।

ଏବେ ପ୍ରଥମ ଦରମା କଥା କହୁଛି ; ଯାହା ମିଳିଥିଲା ଜାନୁଆରୀ ୧୯୭୯ରେ ଏକାଥରେ ୬ ମାସର । ମୁଁ କେବଳ ରେଜିଷ୍ଟରରେ ଦସ୍ତଖତ କରିଥିଲି, ଟଙ୍କା ହାତରେ ଧରି ନ ଥିଲି । ଧରିଥିଲେ ମୋ ସ୍ୱାମୀ । ଇଚ୍ଛା ଥିଲା ପ୍ରଥମ ଦରମାରେ ମା' ଓ ବଡ଼ ଭଉଣୀ ପାଇଁ ୨ଖଣ୍ଡ ଶାଢ଼ି ଏବଂ ବାପାଙ୍କ ପାଇଁ ଖଣ୍ଡେ ଶାର୍ଟ କିଣିବି ବୋଲି । ମାତ୍ର ତାହା ସମ୍ଭବ ହୋଇ ନ ଥିଲା । କାରଣ ଆମର ପ୍ରେମ ବିବାହ ହୋଇଥିବାରୁ ଶ୍ୱଶୁରଘର ଲୋକେ ବିବାହ ପାଇଁ ଆଦୌ ପଇସାଟିଏ ଖର୍ଚ୍ଚକରି ନ ଥିଲେ । ମୋ ସ୍ୱାମୀ ଧାରକରଜ କରି ୧୦ହଜାର ଟଙ୍କା ଖର୍ଚ୍ଚ କରିଥିଲେ । ତାଙ୍କୁ ସେ ଋଣ ପରିଶୋଧ କରିବାର ଥିଲା । ସେଥିରେ ମୋର ଭାଗ ତ ରହିଥିଲା ନିଶ୍ଚୟ । ଅବଶ୍ୟ ମୋ ପାଇଁ ପ୍ରଥମ ଦରମାରେ ଏକ ସିଙ୍ଗର କମ୍ପାନୀର ସିଲେଇ ମେଶିନ କିଣି ଦେଇଥିଲେ ; ଯାହା ଆଜୀବନ ମୋ ପାଖରେ ମୋ ପ୍ରଥମ ଦରମାର ସ୍ମୃତି ହୋଇ ରହିଛି । କିନ୍ତୁ ଏବେ ଭାବୁଛି ସେତେବେଳେ ମୁଁ ଖୁବ୍ ସରଳ ଥିଲି ଆଉ ମୋ ଭିତରେ ପରମ୍ପରା ପ୍ରତି ଭୟ ଓ ସ୍ୱାର୍ଥହୀନ ଭଲପାଇବା ବହୁତ ଥିଲା । ମୋତେ ସିଲେଇ ଭଲ ଭାବରେ ଆସୁ ନ ଥିଲା । ସିଲେଇ ମେଶିନର ଦରକାର ବି ନ ଥିଲା । ତଥାପି ସ୍ୱାମୀ ମୋ ପାଇଁ ରେଡିଓ ବା ଟ୍ରାଞ୍ଜିଷ୍ଟରଟିଏ ନ କିଣି ସିଲେଇ ମେଶିନ କିଣିବାର ଅର୍ଥ ଭାବିଲେ ଏବେ ବୁଝିପାରେ ଯେ, ନାରୀକୁ ଗୃହର ଚାରିକାନ୍ଥରେ ବାନ୍ଧି ରଖିବାର ଏହା ଏକ କୌଶଳ ହୋଇପାରେ । ତେବେ କହିବାକୁ ଭୁଲିବି ନାହିଁ, ମୋ ମନ ଭିତରର ଇଚ୍ଛାଟି ପୂରଣ ନ କରିପାରିଥିବାର ଅବସୋସ ଏବେ ବି ରହିଛି । ଅବିବାହିତା ଥିଲେ ଯାହା କରି ପାରିଥାଆନ୍ତି, ବିବାହିତା ହୋଇ ତାହା କରିବାର ସ୍ୱାଧୀନତା ଆସିବ କୁଆଡୁ ? ଏବେ ଅବସର ପରେ ମୁଁ ସାହିତ୍ୟ ସାଧନାରେ ଅଧିକ ସମୟ ଦେଉଛି । ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ଲେଖାଲେଖି କରୁଛି ; ଯାହା ମଧ୍ୟରେ କବିତା, ଗଳ୍ପ, ପ୍ରବନ୍ଧ, ନାଟକ ଓ ଅନୁବାଦ ଆଦି ୩୫ ଖଣ୍ଡ ଓଡ଼ିଆ ଏବଂ ୧୦ଟି ଇଂରାଜୀ ପୁସ୍ତକ ରୂପେ ପ୍ରକାଶିତ ହୋଇଛି ।



ସାଥୀ

# ଚେରେଛା ହସକୁ ବାଙ୍କ ଚାହାଣୀ, ତହିଁରୁ ଆରମ୍ଭ ପ୍ରେମ କାହାଣୀ

**ପ୍ରଶ୍ନ**–ଜଣେ ଝିଅକୁ ମୁଁ ଅନେକ ଥର 'ଆଇ ଲଭ୍ ୟୁ' କହିସାରିଲାଣି । ସେ ମୋତେ କିଛି କହିବାକୁ ଚାହୁଁଛି,ହେଲେ କହିପାରୁ ନାହିଁ । ତା' ମନର କଥା ମୁଁ କେମିତି ଜାଣିବି ?

*–ଅମନ କୁମାର, କଟକ*

**ଉତ୍ତର:**ପ୍ରଥମେ ମନରେ ସାହସ ଏକଜୁଟ୍ କରନ୍ତୁ । ସେ ଆପଣଙ୍କୁ କିଛି କହିବାକୁ ଚାହୁଁଛି, ହେଲେ କହିପାରୁନି । ଯଦି ସମ୍ଭବ ତାହାର କାରଣ ଅନୁଧ୍ୟାନ କରନ୍ତୁ । ଯାହାକୁ ପ୍ରପୋଜ କରିଛନ୍ତି ତାହାର ମନର କଥା ହୁଏତ ଚାହାଣୀ ମାଧ୍ୟମରେ ଜଣାପଡିପାରେ । କାରଣ, 'ଚେରେଛା ହସକୁ ବାଙ୍କ ଚାହାଣୀ, ତହିଁରୁ ଆରମ୍ଭ ପ୍ରେମ କାହାଣୀ' । ଯଦି ସେପଟୁ କିଛି ସିଗନାଲ ପାଉଛନ୍ତି ତେବେ ଡେରି ନ କରି ବହି ଫିଟ୍ କରିଦିଅନ୍ତୁ ।

**ପ୍ରଶ୍ନ**–ଯାହାକୁ ପ୍ରେମ କରୁଥିଲି ତାକୁ ମୋ ସାଙ୍ଗ ବାହା ହୋଇଗଲା । ଏବେ ପୁଣି ଥରେ ମୁଁ ସେହି ପୂର୍ବ ପ୍ରେମିକା ପ୍ରେମରେ ପଡିଯାଇଛି । ମୁଁ ଏବେ କ'ଣ କରିବି ଜାଣିପାରୁନାହିଁ ।

*–ପ୍ରୀତମ, ବାଲେଶ୍ୱର*

**ଉତ୍ତର:**ଯାହାକୁ ମନ ପ୍ରାଣ ଦେଇ ଭଲ ପାଉଥିଲେ ସେ ତ ନିଜର ହେଲା ନାହିଁ । ପୁଣି ବର୍ତ୍ତମାନ ଆପଣଙ୍କ ବନ୍ଧୁର ସେ ଧର୍ମପତ୍ନୀ । ଏବେ ପୁଣି ଥରେ ଆପଣ ତା' ପ୍ରେମରେ ପଡିଛନ୍ତି । ଯଦି ଏହି ପ୍ରେମ ଆଗକୁ ଆଗାଏ, ତେବେ ତାହାର ପରିଣାମ କ'ଣ ହେବ କେବେ ଚିନ୍ତା କରିଛନ୍ତି ? ଯଦି ଆପଣଙ୍କ ସାଙ୍ଗ ଅର୍ଥାତ୍, ପ୍ରେମିକାଙ୍କ ପତିଦେବ ଏକଥା ଜାଣିପାରନ୍ତି ତା'ହେଲେ ପରବର୍ତ୍ତୀ ସମୟରେ ଏହା ଏପରି ବିସ୍ଫୋରଣର ରୂପ ନେବ ଯାହାକୁ ସାମନା କରିବା ଆଦୌ ସହଜ ହେବ ନାହିଁ । ତେଣୁ ପୁଣି ଥରେ ସେ ଶୁପ୍ତ ଘା'କୁ ଉଖୁରେଇବାକୁ ଚେଷ୍ଟା ନ କରିବା ଭଲ । ନ ହେଲେ କଥାଟି 'ଆପଣା ହସ୍ତେ ଜିହ୍ୱା ଛେଦି, କେ' ତା'ର ଅଛି ପ୍ରତିବାଦୀ' ପରି ହେବ ।

**ପ୍ରଶ୍ନ**–ଥରେ ଜଣେ ସୁନ୍ଦରୀ ସହ ଭେଟ ହେଲା । ହେଲେ ଏବେ ଆଉ ସେହି ସୁନ୍ଦରୀ ସହ ଭେଟ ହେଉନି । ମୁଁ କ'ଣ କରିବି ?

*–ଦୀପକ କୁମାର, ସୁନାବେଡା*

**ଉତ୍ତର:**ଯେତେବେଳେ ସେହି ସୁନ୍ଦରୀ ସହ ଭେଟ ହେଲା, କଥାବାର୍ତ୍ତା ଭିତରେ ତାହାର ଠିକଣା ପଚାରି ବୁଝିନେଇଥିଲେ ଭଲ ହୋଇଥାଆନ୍ତା । ଏବେ ତାକୁ ଖୋଜିବା ଯାହା ଅନ୍ଧାରରେ ବାଡି ବୁଲାଇବା ସେଇଆ । ଯଦି ଆପଣଙ୍କ ପ୍ରେମ ଉପରେ ଭରସା ଅଛି ତେବେ ଅପେକ୍ଷା କରନ୍ତୁ । ହୁଏତ ସେହି ଲୁଚକାଳି ଖେଳର ହଠାତ୍ ପରିସମାପ୍ତି ଘଟିପାରେ । ନିଜ ପ୍ରେମିକା ଉପରେ ବିଶ୍ୱାସ ରଖନ୍ତୁ । ହୁଏତ ସେ ଆପଣଙ୍କୁ ଖୋଜି ଖୋଜି ଆପଣଙ୍କ ନିକଟରେ ପହଞ୍ଚି ଯାଇପାରେ !

**ପ୍ରଶ୍ନ**–ଜଣେ ସୁନ୍ଦରୀ ମୋ ସହ ନଖରାମୀ କରୁଛି । ତାକୁ ପ୍ରେମ କରିବା ଠିକ୍ ହେବ କି ?

*–ସମରଜିତ ସାହୁ, ପୁରୀ*

**ଉତ୍ତର:**ପ୍ରେମ ଆଉ ନଖରାମିକୁ–ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଭାବରେ ନେଇପାରନ୍ତି । କାରଣ ଅନେକ ସମୟରେ ନଖରାମିରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ । କେତେକ ତାହାକୁ ଗମ୍ଭୀରତାର ସହ ଗ୍ରହଣ କରୁଥିବା ବେଳେ କେତେକ ଏହାକୁ ହାଲ୍କା ଭାବରେ ନେଇଥାଆନ୍ତି । ଯେଉଁ ସୁନ୍ଦରୀ ଆପଣଙ୍କ ସହ ନଖରାମି କରୁଛି ତାହାର କାରଣ ଖୋଜି ସମୟର ଅଯଥା ଅପଚୟ କରନ୍ତୁ ନାହିଁ । ସେହି ନଖରାମିରୁ ଆପଣଙ୍କ ପ୍ରେମ ମିଶନ ଆରମ୍ଭ କରିଦିଅନ୍ତୁ ନା ! ଉଭୟ ନଖରାମି ଏବଂ ପ୍ରେମର ମିଶ୍ରିତ ମଜା ରସଗୋଲା ପରି ମିଠା । ବାସ୍, ତାହାର ମଜା ଦେବା ସହ ଆଗକୁ ପାଦ ବଢ଼ାନ୍ତୁ ।


# ଖବରକାଗଜ, ପାନିଆ ଓ ଚାମଚ ସଂଗ୍ରହର ନିଶା



**ଭାରତର ପ୍ରାୟ ୨୪ଟି ଭାଷା ସମେତ ୧୦୯ଟି ଦେଶର, ୯୩ଟି ଭାଷାର ପ୍ରାୟ ୭୧୧୯ଖଣ୍ଡ ମୁଦ୍ରିତ ଖବର କାଗଜ ଏହି ସଂଗ୍ରହାଳୟରେ ସାଇତି ରଖିଛି। ଏଥିପାଇଁ ୨୦୧୭ ମସିହାରୁ ୧୪୧୦ ପ୍ରକାର ଖବରକାଗଜ ସଂଗ୍ରହ କରିଥିଲି।**

ବିଭିନ୍ନ ସମୟରେ ସେ ଘୂରିବୁଲି ଅନେକ ସ୍ଥାନରୁ ଏକାଧିକ ଭାଷାର ଖବରକାଗଜ ସଂଗ୍ରହ କରିଥାନ୍ତି। ଏହି ନିଶା ତାଙ୍କୁ ଭିନ୍ନ ଜଣେ ଖବରକାଗଜ ସଂଗ୍ରାହକ ଭାବେ ପରିଚୟ ଦେଇଛି। ସେହିପରି ତାଙ୍କ ପରିବାରର ନାତି ଓ ନାତୁଣୀଙ୍କୁ ମଧ୍ୟ ସେ ଏହି ନିଶାରେ ପକେଇଛନ୍ତି। ସେମିତି ଜଣେ ବ୍ୟକ୍ତି ହେଲେ ଡ. ବିମଳ ଚନ୍ଦ୍ର ଷଡ଼ଙ୍ଗୀ। ବୟସ ପ୍ରାୟ ୭୨। ଘର ଖୋର୍ଦ୍ଧା ସଦର ମହକୁମାରେ। ସେ କୁହନ୍ତି, ଖବରକାଗଜରୁ ଦେଶବିଦେଶର ବହୁ ଜଣାଅଜଣା କଥା ଜାଣିହୁଏ। ସମାଜର ପ୍ରତିଛବି ଭାବେ ଗଣମାଧ୍ୟମର ଏକ ବଳିଷ୍ଠ କ୍ଷେତ୍ର ହେଉଛି ଖବରକାଗଜ। ଏହା ସମାଜର ଦର୍ପଣ । ଖବରକାଗଜ ସଂଗ୍ରହ ପାଇଁ ବିଭିନ୍ନ ସ୍ଥାନକୁ ଯିବାକୁ ପଡ଼ିଛି। ସମୟ କ୍ରମେ ସାଇତି ରଖିଥିବା ଦୈନିକ, ସାପ୍ତାହିକ, ପାକ୍ଷିକ, ମାସିକ, ବାର୍ଷିକ ଆଦି ଖବରକାଗଜକୁ ନେଇ ଘରେ ଏକ ସଂଗ୍ରହାଳୟ କରିଛି। ଏହି ସଂଗ୍ରହାଳୟଟି ଧର୍ମପତ୍ନୀ କରୁଣାମୟୀଙ୍କ ନାଁରେ ସ୍ଥାପିତ ହୋଇଛି। ଏହି କରୁଣାମୟୀ ସ୍ମାରକୀ ସମ୍ବାଦପତ୍ର ସଂଗ୍ରହାଳୟରେ ଭାରତର ପ୍ରାୟ ୨୪ଟି ଭାଷା ସମେତ ୧୦୯ଟି ଦେଶର, ୯୩ଟି ଭାଷାର ପ୍ରାୟ ୭୧୧୯ଖଣ୍ଡ ମୁଦ୍ରିତ ଖବର କାଗଜ ସାଇତି ରଖିଛି। ଏଥିପାଇଁ ୨୦୧୭ ମସିହାରୁ ୧୪୧୦ ପ୍ରକାର ଖବରକାଗଜ ସଂଗ୍ରହ କରିଥିଲି। ଏଥିରେ ଆମେରିକା, ଚାଇନା, ଆଫ୍ରିକା, ପାକିସ୍ତାନ, ଇଂଲଣ୍ଡ, ଦୁବାଇ, ଭୁଟାନ, କେନିଆ, ଆରବ, ଓମାନ, ଆଫ୍ରିକା, ମାଲେସିଆ, ଫ୍ରାନ୍ସ, ନାଇଜେରିଆ ପ୍ରଭୃତି ବିଦେଶୀ ରାଷ୍ଟ୍ରରୁ ପ୍ରକାଶିତ ବିଭିନ୍ନ ଭାଷାର ଖବରକାଗଜ ରହିଛି। ସମୟକ୍ରମେ ମୋ ପରାମର୍ଶରେ ମୋ ନାତୁଣୀ ଶ୍ରୀୟା ବିଭିନ୍ନ ପ୍ରକାର ପାନିଆ ସଂଗ୍ରହ କରିବା ଚାଲୁ ରଖିଛି। ସେହିପରି ନାତି ବିଭନ୍ନ ପ୍ରକାର ଚାମଚ ସଂଗ୍ରହ କରି ରଖିଛି । ଏଥିରେ ମୁଁ ବହୁତ ଖୁସି । କାରଣ ସେମାନେ ମୋ ଦ୍ୱାରା ପ୍ରଭାବିତ ହୋଇ କୁନି ସଂଗ୍ରାହକ ପରିଚୟ ପାଇଛନ୍ତି। ବିଭିନ୍ନ ପ୍ରକାରର ଛୋଟବଡ଼ ପ୍ରାୟ ୫ଶହ ପ୍ରକାରର ପାନିଆକୁ ସଂଗ୍ରହକରି ସାଇତି ରଖିଛନ୍ତି। ଏହି ପାନିଆ ମଧ୍ୟରେ କାଠ ପାନିଆ, ଶିଙ୍ଗ ପାନିଆ, ପ୍ଲାଷ୍ଟିକ ପାନିଆ, ଷ୍ଟିଲ୍ ପାନିଆ ଆଦି ରହିଛି। ସେହିପରି ନାତି ସୁବ୍ରତ ଷଡ଼ଙ୍ଗୀ ଯେଉଁ ବୟସରେ ଖେଳିବୁଲିବା କଥା ସେହି ସମୟରୁ ସେ ପ୍ରାୟ ୪ଶହରୁ ଊର୍ଦ୍ଧ୍ୱ ବିଭନ୍ନ ପ୍ରକାର ଚାମଚ ସାଇତି ରଖିଛି। ଏ ସବୁକୁ ଏକାଠି ଦେଖିଲେ ଯେ କେହି ଖୁସି ହୋଇଯିବ। ଏହି ଚାମଚ ସଂଗ୍ରହ ପାଇଁ ପ୍ରଥମେ ଗୋଟିଏ ଗୋଟିଏ ଚାମଚ ସଂଗ୍ରହ କରିଥିଲେ। ସମୟକ୍ରମେ ଏକାଧିକ ଚାମଚ ହୋଇଥିଲା। ଏହାକୁ ସୁରକ୍ଷିତ ଭାବେ ସାଇତା ହୋଇ ରଖାଯାଇଛି। ତେବେ ଏହି ସଂଗ୍ରହାଳୟ କେବଳ ଜ୍ଞାନର ଗନ୍ତାଘର କି ପାରମ୍ପରିକ ବିରଳ ସାମଗ୍ରୀର ସାଇତା ସମ୍ପଦ ନୁହେଁ ବରଂ ଏହାଦ୍ୱାରା ବହୁ ଅଜଣା କଥା ଜାଣିହୁଏ। ଗବେଷଣା ପାଇଁ ସୂତ୍ର ମିଳେ। ଏମିତିରେ ବଭିନ୍ନ ବିରଳ ସାମଗ୍ରୀକୁ ଗୋଟିଏ ସ୍ଥାନରେ ଦେଖିବା ଓ ମନେପକାଇବାକୁ ମିଳିଥାଏ।

**–ବନବିହାରୀ**








# ମହେନ୍ଦ୍ରଙ୍କ ସ୍ଥପତି ଦୁନିଆ



ଶିଳ୍ପୀଙ୍କ ଯାଦୁକରି ନିହାଣ, ମୁଗୁରର ସ୍ପର୍ଶରେ ନିର୍ଜୀବ ପଥର ଦେହରେ ବି ସଞ୍ଚାରିତ ହୁଏ ପ୍ରାଣ। ପଥରକୁ ଖୋଦେଇକରି ଗଢିଥିବା ସୁନ୍ଦର ସୁନ୍ଦର ମୂର୍ତ୍ତିଗୁଡ଼ିକୁ ଦେଖିଲେ ଯାହାର ବି ଆଖି ଲାଖିଯିବ। ମୂର୍ତ୍ତି ପାଇଁ ଶିଳ୍ପୀ ବିଭିନ୍ନ କାଳ୍ପନିକ, ପୌରାଣିକ ଓ ଐତିହାସିକ ବିଷୟକୁ ଆଧାରକରି ନିର୍ମାଣ କରନ୍ତି। ସେମିତି ଜଣେ ଶିଳ୍ପୀ ହେଲେ ମହେନ୍ଦ୍ର କୁମାର ସାମଲ । ମାତା ଭାନୁମତୀ ସାମଲ ଓ ପିତା ଅପର୍ତ୍ତି ସାମଲ। ଘର କେନ୍ଦୁଝର ଜିଲାର ଆନନ୍ଦପୁର ବ୍ଲକ ଅଧୀନ ପଦ୍ମପୁର ଗାଁରେ। ସେ କୁହନ୍ତି, ଆମ ପରିବାରରେ ମୋ ବଡ଼ଭାଇ ଅରୁଣ କୁମାର ସାମଲ ସେତେବେଳେ ମାଟିରେ ସୁନ୍ଦର ସୁନ୍ଦର ମୂର୍ତ୍ତି ଗଢୁଥିଲେ, ସେ ସବୁକୁ ପିଲାଟି ଦିନରୁ ମୁଁ ଦେଖି ଆସୁଥିଲି। କିନ୍ତୁ ମୋର ସ୍କୁଲ ପଢା ସରିଲା ପରେ +୨ ଯାଏ ପଢିଲି। ମୋର ଇଚ୍ଛା ଥିଲା ଜଣେ ଶିଳ୍ପୀ ଭାବେ ନିଜର ପରିଚୟ ସୃଷ୍ଟି କରିବାକୁ। ଏଥିପାଇଁ ୧୯୯୬ ମସିହାରେ ଭୁବନେଶ୍ୱରଠାରେ ଥିବା ରାଜ୍ୟ ହସ୍ତଶିଳ୍ପ କେନ୍ଦ୍ରରେ ଟ୍ରେନିଂ ନେଲି। ଏଠାରେ ପଥର ଶିଳ୍ପର ତାଲିମ ନେଲି। ଏହି କେନ୍ଦ୍ରରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଗୁରୁ ହରିହର ମହାରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତାଲିମ ନେଲି। ଏହାପରେ ବିଭିନ୍ନ ପ୍ରକାର ପଥର ମୂର୍ତ୍ତି ଗଢିଆସୁଛି। ପ୍ରାୟ ୨୯ବର୍ଷ ହେଲାଣି ବିଭିନ୍ନ ଦେବଦେବୀଙ୍କ ମୂର୍ତ୍ତି ଗଢିସାରିଲିଣି। ଜଣେ ସ୍ଥପତି ଭାବେ ମୋର ଏକ ପରିଚୟ ସୃଷ୍ଟି ହୋଇପାରିଛି। ବର୍ତ୍ତମାନ ପୁରୀ ସହର ନିକଟବର୍ତ୍ତୀ ବୀର ହରେକୃଷ୍ଣପୁରଠାରେ ପଥର ଖୋଦନ ହସ୍ତଶିଳ୍ପ ପାଇଁ ଏକ କର୍ମଶାଳା ସ୍ଥାପନ କରିଛି। ଏଠାରେ ୧୦ଜଣ ଶିଳ୍ପୀ ପଥର ଖୋଦନ କାମ କରି ସେମାନଙ୍କ ପରିବାର ଚଳାଇପାରୁଛନ୍ତି। ପୂର୍ବରୁ ଆସାମର ଡିବ୍ରୁଗଡ଼ଠାରେ ନିର୍ମାଣ ହୋଇଥିବା ଜଗନ୍ନାଥ ମନ୍ଦିର ପାଇଁ ସହକର୍ମୀଙ୍କୁ ନେଇ ସୁନ୍ଦର ସୁନ୍ଦର ମୂର୍ତ୍ତି ଗଢିଛି। ହାଇଦ୍ରାବାଦର ବନଜାରା ହିଲସଠାରେ ସ୍ଥାପିତ ଶ୍ରୀଜଗନ୍ନାଥଙ୍କ ମନ୍ଦିର କାର୍ଯ୍ୟ କରିଛି। ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ସିଂହଦ୍ୱାରର ଦଶାବତାର ମୂର୍ତ୍ତି ନିର୍ମାଣ କାର୍ଯ୍ୟରେ ସାମିଲି ଥିଲି। ଏହା ମୋତେ ବହୁତ ମାନସିକ ଶାନ୍ତି ଦେଇଛି। ଏମିତି ହସ୍ତଶିଳ୍ପ କଳା ସାଧନା ପାଇଁ ମୋତେ ଅନେକ ସଂସ୍ଥାରୁ ପୁରସ୍କାର ଓ ସମ୍ମାନ ମିଳୁଛି।








## ହାଃ ହାଃ

### ଖୁସି

ରାଜେଶ ବରୁଣକୁ: କାଲି ତୁ କେତେ ଦୁଃଖି ଥିଲୁ। ହେଲେ ଆଜି ଏତେ ଖୁସି ଥିବା ପରି ଜଣାପଡୁଛୁ କେମିତି ?

ବରୁଣ: କାଲି ମୋ ସ୍ତ୍ରୀ ୨୦,୦୦୦ ଟଙ୍କାର ଗୋଟେ ଶାଢି କିଣିଥିଲା।

ରାଜେଶ: ଆଜି କ'ଣ ସେ ଶାଢିକୁ ଭାଉଜ ଫେରେଇଦେଲେ ?

ବରୁଣ: ନା, ସିଏ ସେଇ ଶାଢି ପିନ୍ଧି ଆଜି ତୋ' ଘରକୁ ଯାଇଛି ତୋ' ସ୍ତ୍ରୀକୁ ଦେଖେଇବା ପାଇଁ।

### ଠିକଣା

ପୋଷ୍ଟମ୍ୟାନ ଗୋବିନ୍ଦକୁ: ଆଜ୍ଞା, ଆପଣ ନିଜ ସମ୍ପର୍କୀୟଙ୍କୁ ଆପଣଙ୍କ ସଠିକ୍ ଠିକଣାଟା ଦିଅନ୍ତୁ। ଏ ଯେଉଁ ଠିକଣା ଦେଇଛନ୍ତି ମତେ ଖୋଜିବାକୁ ଭାରି କଷ୍ଟ ହେଲା। ୫ କି.ମି. ବୁଲି ବୁଲି ଶେଷରେ ପାଇଲି।

ଗୋବିନ୍ଦ: ଏତେ କଷ୍ଟ କାହିଁକି କଲେ ? ପୋଷ୍ଟ କରିଦେଇଥାନ୍ତେ।

### ରକେଟ୍

ମନୋଜ: କାଲି ମୁଁ ରକେଟ୍ ଛାଡିଲି ଯେ, ସିଧା ସୂର୍ଯ୍ୟଠି ବାଜିଲା।

କାଳିଆ: କ'ଣ କହୁଛୁ ତୁ ! ତା'ପରେ କ'ଣ ହେଲା ?

ମନୋଜ: ତା'ପରେ କ'ଣ ହେବ, ମୋ ଉପରେ ହେଲା ନିର୍ଘୁମ ମାଡ଼।

କାଳିଆ: କିଏ ମାରିଲା ?

ମନୋଜ: କିଏ ଆଉ ମାରିବ, ସୂର୍ଯ୍ୟର ମା'।

ମଡେଲ ମିରର୍ ପାଇଁ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧

**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

# ମାଣ୍ଡ୍ରେମ ବିଚ୍



ଉତ୍ତର ଗୋଆର ଏକ ସମୁଦ୍ରକୂଳିଆ ଗାଁ ହେଉଛି ମଣ୍ଡ୍ରେମ। ଆଉ ଏଠାରେ ଯେଉଁ ବିଚ୍ ଦେଖିବାକୁ ମିଳେ, ତାହା ମଣ୍ଡ୍ରେମ୍ ବିଚ୍ ଭାବେ ପରିଚିତ। ଗୋଆରେ ଦେଖିବାକୁ ମିଳୁଥିବା ପ୍ରମୁଖ ବିଚ୍‌ଗୁଡ଼ିକ ମଧ୍ୟରୁ ଏହା ହେଉଛି ଅନ୍ୟତମ। ଏଠାକାର ଶାନ୍ତ ବାତାବରଣରେ ସମୟ ଅତିବାହିତ କରିବା ପର୍ଯ୍ୟଟକଙ୍କୁ ଖୁବ୍ ଭଲ ଲାଗିଥାଏ। ସେଥିପାଇଁ ବର୍ଷର ବିଭିନ୍ନ ସମୟରେ ବିଶେଷକରି ଖରାଦିନେ ଏଠାରେ ଆଗନ୍ତୁକଙ୍କର ବେଶ୍ ଗହଳି ଦେଖିବାକୁ ମିଳେ...

ମଣ୍ଡ୍ରେମ୍ ବିଚ୍ ହେଉଛି ଉତ୍ତର ଗୋଆସ୍ଥିତ ଏକ ଆକର୍ଷଣୀୟ ବେଳାଭୂମି ; ଯାହାକି ସ୍ଥାନୀୟ ମଣ୍ଡ୍ରେମ୍ ନାମକ ଗାଁରେ ଅବସ୍ଥିତ। ଗୋଆର ରାଜଧାନୀ ପଣଜିଠାରୁ ପ୍ରାୟ ୨୧ କି.ମି ଦୂରରେ ଥିବା ଏହି ବିଚ୍‌ର ଧଳାବାଲିର ତଟ ପର୍ଯ୍ୟଟକଙ୍କୁ ବେଶ୍ ଆକର୍ଷିତ କରିଥାଏ। ତା'ଛଡ଼ା ସହରର ଜନଗହଳିପୂର୍ଣ୍ଣ ପରିବେଶରୁ ଦୂରରେ ଥିବା ଏହି ବିଚ୍‌ର ଶାନ୍ତ ବାତାବରଣ ବି ବେଶ୍ ମନ ମୁଗ୍ଧକର ଲାଗେ। ଖାସ୍ ସେଥିପାଇଁ ବର୍ଷର ବିଭିନ୍ନ ସମୟରେ ଏଠାକୁ ପର୍ଯ୍ୟଟକଙ୍କର ଯା'ଆସ ଲାଗି ରହିଥାଏ। ତେବେ ଅନ୍ୟଦିନ ତୁଳନାରେ ବିଶେଷକରି ଖରାଦିନେ ଗରମରୁ ରକ୍ଷା ପାଇବା ପାଇଁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଏଠାକୁ ବୁଲି ଆସିଥାନ୍ତି।

**ବିଶେଷ ଆକର୍ଷଣ:** ଏଠାରେ ପର୍ଯ୍ୟଟକ ବିଭିନ୍ନ ପ୍ରକାର ଯୋଗର ପ୍ରଶିକ୍ଷଣ ନେଇପାରିବେ। ମଣ୍ଡ୍ରେମ୍ ବିଚ୍‌ର ସ୍ଥାନେ ସ୍ଥାନେ ଅନେକ ଦକ୍ଷ ଯୋଗ ଗୁରୁ ଏନେଇ ସ୍ୱତନ୍ତ୍ର ତାଲିମ୍ ଦେଉଥିବାର ନଜିର ଦେଖିବାକୁ ମିଳେ। ସେହିପରି ମଣ୍ଡ୍ରେମ୍ ବିଚ୍‌ରେ ପର୍ଯ୍ୟଟକ ଗୋଧୋଇବାର ମଜା ନେବା ସହ ସନ୍ ବାଥ୍‌ର ଆନନ୍ଦ ବି ଲଭି ପାରିବେ। କେବଳ ସେତିକି ନୁହେଁ, ଏଠାକାର ଶାନ୍ତ ଧଳାବାଲିର ସମୁଦ୍ରତଟରେ ବସି ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତର ମନୋରମ ଦୃଶ୍ୟକୁ ଉପଭୋଗ କରିବା ମଧ୍ୟ ଖୁବ୍ ଆକର୍ଷକ ଲାଗିଥାଏ। ଆଉ ସବୁଠୁ ବଡ଼ କଥା ହେଉଛି, ଏହି ବିଚ୍‌ରେ ଫିଶିଂର ଭଲ ସୁବିଧା ରହିଛି। ସମୁଦ୍ର ଭିତରକୁ ମାଛ ମାରିବାକୁ ଯାଉଥିବା ଡଙ୍ଗାର ଅପୂର୍ବ ଦୃଶ୍ୟ ବି ଏଠାକାର ଅନ୍ୟତମ ଆକର୍ଷଣ ହୋଇଥାଏ। ଏହାଛଡ଼ା ଗୋଆ ବିଚ୍‌ର ବିଶେଷ ଆକର୍ଷଣ ହେଉଛି ନାଇଟ୍ ଲାଇଫ୍। ଅର୍ଥାତ୍ ରାତି ସମୟରେ ଗୋଆ ବିଚ୍‌ମାନଙ୍କରେ ଆୟୋଜିତ କରାଯାଉଥିବା ବିଭିନ୍ନ ପ୍ରକାରର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ; ଯେଉଁଥିରେ ଖାଇବା, ପିଇବା ସହ ନାଚ, ଗୀତ, ମଜାମସ୍ତିର ଭରପୂର ଆନନ୍ଦ ନେଇହୁଏ। କିନ୍ତୁ ଏଠାରେ ଗୋଟେ କଥା ସ୍ପଷ୍ଟ କରିବାକୁ ଚାହୁଁ ଯେ, ଗୋଆର ସବୁ ବିଚ୍‌ରେ ଏହି ସୁବିଧା ଉପଲବ୍ଧ ନଥାଏ। ଯେମିତିକି ଏହି ମଣ୍ଡ୍ରେମ୍ ବିଚ୍ ; ଏଠାରେ ବଡ଼ ଆକାରର ରଙ୍ଗାରଙ୍ଗ ନାଇଟ୍ ଲାଇଫ୍‌ର ସୁବିଧା ସିନା ନାହିଁ, କିନ୍ତୁ ପର୍ଯ୍ୟଟକ ଚାହିଁଲେ ପରସ୍ପର ଭିତରେ ଗୀତ କମ୍ପିଟିଶନ କରି ମଧ୍ୟ ନିଆରା ଆନନ୍ଦ ଲଭିପାରିବେ। ଏସବୁବାଦ୍ ପର୍ଯ୍ୟଟକ ଚାହିଁଲେ ମଣ୍ଡ୍ରେମ୍ ଗାଁ ଭିତରକୁ ଯାଇ ସ୍ଥାନୀୟ ଲୋକଙ୍କର ଚାଲିଚଳଣ, ପରମ୍ପରା, ସଂସ୍କୃତି, ଖାଦ୍ୟାଭାସ ସମ୍ପର୍କରେ ବହୁ ତଥ୍ୟ ବି ସଂଗ୍ରହ କରିପାରିବେ।







**ଖାଇବା, ରହିବାର ସୁବିଧା:** ପର୍ଯ୍ୟଟକଙ୍କ ରହିବା, ଖାଇବା ପାଇଁ ମାଣ୍ଡ୍ରେମ୍ ବିଚ୍ ନିକଟରେ କେତୋଟି ହୋଟେଲ୍, ରେଷ୍ଟୁରାଣ୍ଟ, ଲଜ୍ ଆଦିର ଭଲ ବ୍ୟବସ୍ଥା ରହିଛି। ପର୍ଯ୍ୟଟକଙ୍କ ପକେଟ୍‌କୁ ସୁହାଇଲା ଭଳି ଦରରେ ଏହା ଉପଲବ୍ଧ ହୋଇଥାଏ।

**ନିକଟବର୍ତ୍ତୀ ପର୍ଯ୍ୟଟନସ୍ଥଳୀ:** ମଣ୍ଡ୍ରେମ୍ ବିଚ୍‌ଠାରୁ ପ୍ରାୟ ୨ କି.ମି ଦୂର ଏବଂ ୫ କି.ମି ଦୂରରେ ରହିଛି ଗୋଆର ଆଉ ଦୁଇଟି ଲୋକପ୍ରିୟ ସମୁଦ୍ରତଟ। ଯେମିତିକି ଆରାମ୍ବୋଲ ବିଚ୍ ଓ ମୋର୍‌ଜିମ୍ ବିଚ୍। ଆରାମ୍ବୋଲ ବିଚ୍‌ରେ ପର୍ଯ୍ୟଟକ ପାରାଗ୍ଲିଡିଂର ମଜା ନେବା ସହ ଡଲ୍‌ଫିନ୍ ଦେଖିବାର ସୁଯୋଗ ପାଇପାରିବେ। ସେହିପରି ମୋର୍‌ଜିମ୍ ବିଚ୍‌ରେ ପର୍ଯ୍ୟଟକ ଅଲିଭ୍ ରିଡ୍‌ଲେ କଇଁଛ ଦେଖିବା ସହ ବିଭିନ୍ନ ପ୍ରକାର ୱାଟର୍ ସ୍ପୋର୍ଟ୍ସ ଓ ଗୋଆ ନାଇଟ୍ ଲାଇଫ୍‌ର ମଜା ନେଇପାରିବେ।

**କେବେ ଓ କେମିତି ଯିବେ:** ବର୍ଷର ସବୁ ସମୟରେ ଏଠାକୁ ବୁଲି ଯିବାର ସୁବିଧା ଥିଲେ ବି ନଭେମ୍ବରରୁ ମାର୍ଚ୍ଚ ଭିତରେ ଏଠାକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ବୁଲି ଆସିଥାନ୍ତି। ସେହିପରି ଯେଉଁମାନେ ଖରା ଗରମରୁ ଟିକେ ଆଶ୍ୱସ୍ତି ପାଇବାକୁ ଚାହାନ୍ତି ସେମାନେ ଏପ୍ରିଲ୍‌ରୁ ଜୁନ୍ ଭିତରେ ବି ଏଠାକୁ ବୁଲି ଆସନ୍ତି। ଏଠାକୁ ଗମନାଗମନର ବି ଭଲ ସୁବିଧା ରହିଛି। ଥିଭିମ୍ ରେଲୱେ ଷ୍ଟେଶନ ମାଣ୍ଡ୍ରେମ୍ ବିଚ୍‌ର ନିକଟବର୍ତ୍ତୀ ମୁଖ୍ୟ ରେଳଷ୍ଟେଶନ ହୋଇଥିବାବେଳେ ଡାବୋଲିମ୍ ଏୟାରପୋର୍ଟ ହେଉଛି ଏହାର ନିକଟତମ ବିମାନବନ୍ଦର। ସେହିପରି ବସ୍ ଯୋଗେ ଯିବାକୁ ହେଲେ ପର୍ଯ୍ୟଟକଙ୍କୁ ପ୍ରଥମେ ପଣଜି ବସ୍‌ଷ୍ଟାଣ୍ଡରେ ପହଁଞ୍ଚିବାକୁ ହେବ, ପରେ ସେଠାରୁ ସ୍ଥାନୀୟ ସାଧନ ଯୋଗେ ଯାଇ ମଣ୍ଡ୍ରେମ୍ ବିଚ୍‌ରେ ପହଁଞ୍ଚିବାକୁ ପଡିବ।







# ଲାଲରଙ୍ଗ ହିଁ କାହିଁକି




**ସଡ଼କରେ ଯାଉଥିବା ଦ୍ରୁତଗାମୀ ଗାଡିଙ୍କୁ ଅଟକାଇବାର ଶକ୍ତି ଥାଏ ଗୋଟିଏ ଲାଲରଙ୍ଗର ଲାଇଟ୍‌ର। ଟ୍ରାଫିକ୍ ସିଗ୍‌ନାଲର ଏହି ଲାଲରଙ୍ଗର ଲାଇଟ୍ ପ୍ରତି ଥାଏ ସମସ୍ତଙ୍କର ଭୟ। କାରଣ ଏହାକୁ ଦେଖିବାମାତ୍ରେ ଗାଡ଼ି ନ ଅଟକାଇଲେ ପଡ଼ିବ ଭାରି ଜରିମାନା। ଅବା ହେବ ବଡ଼ ଦୁର୍ଘଟଣା। ତେବେ କେବେ ଭାବିଛନ୍ତି କି ଗାଡି ଅଟକାଇବା ଲାଗି ଟ୍ରାଫିକ୍ ସିଗ୍‌ନାଲରେ ଲାଲରଙ୍ଗର ହିଁ ବ୍ୟବହାର କାହିଁକି ହୁଏ?**

ଟ୍ରାଫିକ ସିଗ୍‌ନାଲର ଲାଲରଙ୍ଗର ଲାଇଟ୍‌କୁ ଦେଖି ଅନେକଙ୍କ ମନରେ ଏହି ପ୍ରଶ୍ନ ନିଶ୍ଚିତଭାବେ ଆସିଥିବ ଯେ, ଏତେ ରଙ୍ଗ ଥାଉ ଥାଉ ଲାଲରଙ୍ଗକୁ ହିଁ କାହିଁକି ଦ୍ରୁତଗାମୀ ଗାଡିକୁ ଅଟକାଇବା ଲାଗି ବ୍ୟହାର କରାଯାଉଛି ? ଏହାର ଉତ୍ତରରେ ଏତିକି କୁହାଯାଇପାରେ ଯେ, ଲାଲରଙ୍ଗ ହେଉଛି ଏମିତି ଏକ ରଙ୍ଗ ଯାହାକୁ ବହୁ ଦୂରରୁ ବି ଦେଖିହୁଏ। ଆଉ ଏହା ସମ୍ଭବ ହୁଏ ରଙ୍ଗର ୱେଭ ଲେନ୍ଥ ପାଇଁ। ତେବେ ଏହି ୱେଭଲେନ୍ଥ କ'ଣ ? ୱେଭଲେନ୍ଥ ହେଉଛି ତରଙ୍ଗ ମଧ୍ୟସ୍ଥ ଦୂରତା। ଆମେ ଜାଣୁ ଯେ, ଇନ୍ଦ୍ରଧନୁର ସାତରଙ୍ଗରେ ପ୍ରକାଶ ତିଆରି ହୋଇଥାଏ। ଏହି ସାତରଙ୍ଗର ୱେଭଲେନ୍ଥ ଅଲଗା ଅଲଗା ହୋଇଥାଏ। ଯେଉଁ ରଙ୍ଗର ୱେଭ ଲେନ୍ଥ କମ୍ ତାହା କମ୍ ଦୂର ପର୍ଯ୍ୟନ୍ତ ଦେଖାଯାଏ। ଯେମିତିକି ବାଇଗଣୀ ରଙ୍ଗର ୱେଭଲେନ୍ଥ ସବୁଠୁ କମ୍ ଅର୍ଥାତ୍ ୩୮୦-୪୫୦ ନେନୋମିଟର। ଯଦି ଇନ୍ଦ୍ରଧନୁର ରଙ୍ଗଗୁଡ଼ିକୁ ଧ୍ୟାନର ସହ ଦେଖିବେ ଆରମ୍ଭ ବାଇଗଣୀ ରଙ୍ଗରୁ ହୋଇଥାଏ। ଆଉ ଶେଷରେ ଲାଲ ରଙ୍ଗ ଦେଖାଯାଏ। କାରଣ ଲାଲରଙ୍ଗର ୱେଭଲେନ୍ଥ ସବୁଠୁ ଅଧିକ ୬୨୦-୭୫୦ ନାନୋମିଟର ହୋଇଥାଏ।

ସେଥିପାଇଁ ବାୟୁମଣ୍ଡଳରେ ମହଜୁଦ ଥିବା ଧୂଳି ଓ ଅନ୍ୟ ଛୋଟ କଣିକାରେ ଲାଲରଙ୍ଗ ମିଶି ପ୍ରସାରିତ ହୋଇ ନ ଥାଏ। ଏହି କାରଣରୁ ହିଁ ଲାଲରଙ୍ଗ ବହୁ ଦୂରରୁ ଦେଖାଯାଏ। ଖାସ୍ ସେଇଥିପାଇଁ ଲାଲରଙ୍ଗକୁ ଟ୍ରାଫିକକୁ ଅଟକାଇବା ପାଇଁ ବ୍ୟବହାର କରାଯାଏ।

ତେବେ ଖାଲି ସଡ଼କପଥରେ ନୁହେଁ ରେଳପଥ ଓ ଏୟାରପୋର୍ଟରେ ବି ଏହି କାରଣରୁ ଲାଲରଙ୍ଗର ବ୍ୟବହାର ହୁଏ। ଆମ୍ବୁଲାନ୍ସ, ପୋଲିସ୍, ଫାୟାର ବ୍ରିଗେଡ୍ ଭଳି ଅତି ଆବଶ୍ୟକ ସେବାରେ ବି ଲାଲରଙ୍ଗର ବ୍ୟବହାର କରାଯାଏ। କେବଳ ସେତିକି ନୁହେଁ ଲାଲରଙ୍ଗକୁ ବିପଦର ସଙ୍କେତ ଭାବେ ମଧ୍ୟ ବ୍ୟବହାର କରାଯାଏ। କାରଣ ସହଜରେ ଦେଖାଯିବାଯୋଗୁ ସମସ୍ତଙ୍କର ଧ୍ୟାନ ସର୍ବ ପ୍ରଥମେ ଏହି ରଙ୍ଗ ଉପରକୁ ଯାଏ।






# ଶାଶୁଙ୍କ ପାଇଁ ମନ୍ଦିର ତୋଳିଲେ ବୋହୂ



ଶାଶୁ ବୋହୁଙ୍କ ସମ୍ପର୍କ କିଭଳି ହୋଇଥାଏ ସମସ୍ତେ ଜାଣନ୍ତି। ଏହି ସମ୍ପର୍କ କେବେ ବି ସମ୍ପୂର୍ଣ୍ଣଭାବେ ମଧୁର ହୋଇ ନ ଥାଏ। କିଛି ନା କିଛି ସମସ୍ୟା ଥାଏ। କଳି ଝଗଡା ବି ହୁଏ। ହେଲେ ବିହାରରେ ଦେଖିବାକୁ ମିଳିଛି ଏକ ଅଜବ ଓ ବିରଳ ଘଟଣା। ଏଠି ଜଣେ ବୋହୁ ନିଜ ଶାଶୁଙ୍କୁ ଏତେ ଭଲ ପାଉଥିଲେ ଯେ, ତାଙ୍କ ଦେହାନ୍ତ ପରେ ତୋଳିଛନ୍ତି ଏକ ମନ୍ଦିର। ବିହାରର ବେଗୁସରାୟରେ ଥିବା ଏହି ମନ୍ଦିରରେ ବୋହୁଜଣକ ଶାଶୁ ମା'ଙ୍କର ଏକ ବଡ଼ ପ୍ରତିମା ବି ତିଆରି କରାଇଛନ୍ତି। କଥାଟି ଅଜବ ଲାଗୁଥାଇପାରେ। ହେଲେ ଏହା ସତ। ଏହି ଶାଶୁବୋହୁଙ୍କ ସମ୍ପର୍କ ଅନ୍ୟ ଶାଶୁବୋହୁଙ୍କ ପରି ନ ଥିଲା। ସେମାନଙ୍କ ସମ୍ପର୍କ ଥିଲା ଖୁବ୍ ମଧୁର। ତେଣୁ ଶାଶୁଙ୍କ ଦେହାନ୍ତ ପରେ ବୋହୁ ଭାଙ୍ଗିପଡ଼ିଥିଲେ। ବୋହୁଙ୍କ ନଜରରେ ଶାଶୁ ଥିଲେ ଦେବୀ। ତେଣୁ ସେ ନିଷ୍ପତ୍ତି ନେଲେ ଶାଶୁଙ୍କ ପାଇଁ ଏକ ମନ୍ଦିର ତୋଳିବେ। ନିଜର ସବୁ ଜମାପୁଞ୍ଜିକୁ ନିବେଶ କରି ସେ ଏହି ମନ୍ଦିର ତୋଳିଲେ। ତା'ସହ ଶାଶୁଙ୍କର ଏକ ବଡ଼ ପ୍ରତିମୂର୍ତ୍ତି ବି ତିଆରି କରାଇଲେ। ଯେଉଁଥିରେ ଖର୍ଚ୍ଚ ହେଲା ୬୦ ଲକ୍ଷ ଟଙ୍କା। ଏହି ମନ୍ଦିରରେ ବୋହୁ ସବୁଦିନ ଶାଶୁଙ୍କୁ ପୂଜା କରିଥାନ୍ତି। ତା'ସହ ସେଠାକାର ଅନ୍ୟ ମହିଳାମାନେ ବି ଆସି ତାଙ୍କ ଶାଶୁଙ୍କ ପ୍ରତିମାକୁ ପୂଜା କରିଥାନ୍ତି। ସତରେ ଯଦି ସବୁ ଶାଶୁବୋହୁଙ୍କ ସମ୍ପର୍କ ଏମିତି ହୋଇଯାଆନ୍ତା, ତେବେ କୌଣସି ଘରେ କଳହ ହୁଅନ୍ତା ନାହିଁ।



## କଥା ଚାଟ୍

ଶ୍ରୀମାନ୍ ସର୍ବଗିଳା

# ବହୁ ଗୁରୁବିରେ ମରିବା ସାର

ବୋହୂ ହୋଇ ପ୍ରଥମ କରି ଶାଶୁଘରକୁ ଆସିଥିଲା ଲଳିତା ନାନୀ। ଶାଶୁଘରେ ବୋହୂ ସିନା ଏକ, କିନ୍ତୁ ଗୁରବି ଅନେକ। ଶ୍ୱଶୁର, ବଡ଼ ଶ୍ୱଶୁର, ଦାଦା ଶ୍ୱଶୁର, ବଡ଼ଶାଶୁ, ସାନଶାଶୁ, ନିଜ ଶାଶୁ, ଗୋଷୀ ଶାଶୁ, ପିଇସୀ ଶାଶୁ ଓଗେର। ଭାରି ଭଲ ରାନ୍ଧୁଣିଆ ହୋଇ ବି, ଲଳିତା ନାନୀ ଗାଳିଖାଏ ବାରମ୍ବାର। ଯୋଉ ତରକାରି କଲେ ବି ସମସ୍ତଙ୍କର ଉପଦେଶ ବା ଗାଇଡ, ତାକୁ ଅତି ଭଲ ରାନ୍ଧିବା ଜାଗାରେ ବେଶି ବେଶି କରୁଥାଏ ମିସ୍-ଗାଇଡ୍। ବହୁ ଉପଦେଶ-ସର୍ବ ନାଶ !

ଆଜିକାଲି ବିଜ୍ଞ ଜମାନାରେ 'ବହୁ ଉପଦେଷ୍ଟା ଜଣେ ଅଧେ ଶ୍ରୋତା' ଭଳିଆ ଯୋଜନା ଜୋରରେ ଚାଲିଛି ତ ଆଉ କେଉଁଠି ଗୋଡ଼ ବିନ୍ଧା ଭଲ କରିବାକୁ ଦାନ୍ତ ଓପାଡ଼ିବା ଭଳି ଚିକିତ୍ସା ହେଲା ପରି ହେଉଛି। ସୁପରଭାଇଜର ମାଳ ମାଳ, ମାତ୍ର କାମିକା ଶ୍ରମିକ ଦୁର୍ବଳ। ବାସ୍ତବ କାମ ହେଉ ନ ହେଉ, କାଗଜ ପତ୍ରରେ ଯୋଜନା ସଫଳ। ସଫଳତାର ଗର୍ଜନ ପ୍ରବଳ। ସେମିତିରେ ପ୍ରକୃତ କାମ କେତେ ହେଉଛି, ତାହା ବଡ଼ ବିଜ୍ଞ ଅତି ପଣ୍ଡିତଙ୍କ ମୁଣ୍ଡରେ ପଶିବା ଆଗରୁ ସାଧାରଣ ଅପାଠୁଆ ବେଳେବେଳେ ବେଶି ବୁଝନ୍ତି, ଯେମିତି କୋଣାର୍କ ମନ୍ଦିର ନିର୍ମାଣ କୌଶଳ ବିଜ୍ଞ ଶିବେଇ ସାମନ୍ତରାଙ୍କଠାରୁ ତାଙ୍କୁ ଗରମ ଜାଉ ଖୁଆଇଥିବା ଗାଉଁଲି ବୁଢ଼ୀ ମାଉସୀ ବୁଝିଲା ପରି। ଆଜ୍ଞା ! ଆମେ ସେଇ ବୁଢ଼ୀ ମାଉସୀ ଭଳିଆ ମୂରୁଖ। ଯାହା କହୁଛୁ, ବିଚାରବନ୍ତ ଲୋକେ କେତେ ବୁଝିବେ, ତାହା ତାଙ୍କୁ ଜଣା। ଏଇ ଧରନ୍ତୁ ଡାକ୍ତରଖାନାରେ ଡାକ୍ତର (ଡାକିଲେ ନ ଥାଏ ତଥର) ମାତ୍ର ଜଣେ। କୋଉଠି ତାଙ୍କ ଅଭାବରେ ଫାର୍ମାସିଷ୍ଟ କାମ ଚଳେଇ ରୋଗୀ ଦେଖି ଔଷଧ ଦିଅନ୍ତି ଅବା କିଣିବାକୁ କହି କେମିତି ଖାଇଲେ ରୋଗୀ ଭଲ ହେବ ବୁଝାନ୍ତି। ସକାଳୁ ଡାକ୍ତରଖାନା ଖୋଲିଲା ବେଳକୁ ମାଳମାଳ ରୋଗୀ ଆସି ହାଜର। ଧୈର୍ଯ୍ୟ ଧରି ତାଙ୍କ କାମ ଆରମ୍ଭ କଲାବେଳକୁ ଯଦି କାମର ତଦାରଖ କରିବାକୁ, ତାଙ୍କୁ ଗାଇଡ କରିବାକୁ ବ୍ଲକ ସ୍ତରୀୟ ଅଧିକାରୀ, ତା'ପରେ ଜିଲା ସ୍ତରୀୟ ବିଭାଗୀୟ ଅଧିକାରୀ କିମ୍ବା ରାଜ୍ୟ ସ୍ତରୀୟ ଅଧିକାରୀ ଦଳ ଦଳ ହୋଇ ଆସି ସୁପରଭାଇଜର ବା ଗାଇଡ୍ କରିବା ନାଁରେ ପହଞ୍ଚନ୍ତି ଓ କେମିତି କାମ ଚାଲିଛି ପ୍ରଶ୍ନର ଲମ୍ବା ତାଲିକାର ଉତ୍ତର ଚାହାନ୍ତି, ତେବେ ଏକମାତ୍ର ଚିକିତ୍ସକ ତର ନ ଥିଲେ ବି ବାଧ ହୋଇ ରୋଗୀ ଦେଖା ଛାଡ଼ି ତାଙ୍କ ଉତ୍ତର ଦେଉ ଦେଉ ସମୟ ସବୁ ସରିଯାଏ ସିନା ହେଲେ ଭଲରେ କେତୁଟା ରୋଗୀ ଦେଖିପାରୁଥିବେ ତାହା ତାଙ୍କୁ ଜଣା। ଆଜିକାଲି ଅଫିସ ଓ ଅଫିସର ଯେବେ ମାଳମାଳ, କାମ ଜଣେ କଲେ ତାହା କେତେ ସଫଳ ହୁଏ, ତାହା ମା' ଗଙ୍ଗେଇଙ୍କୁ ଜଣା। ଯଦି ସଚେତନ ନାଗରିକ ଉପର ଅଧିକାରୀମାନଙ୍କୁ ଅଭିଯୋଗ କଲେ କାମ ଠିକରେ ହେଉନି ବୋଲି ଏବଂ ଯଦି ଉପର ଅଫିସର କୈଫିୟତ ମାଗିଲେ, ତେବେ ସେ କ'ଣ କେବେ କହିପାରିବେ ନା ଉତ୍ତର ଦେଇପାରିବେ ଯେ ଆପଣମାନଙ୍କ ଘନ ଘନ



ଗାଇଡ ଆମକୁ ଗାଡରେ ପକେଇଲା ବୋଲି ? ବରଂ କାମ କରୁନ ଠକ, କାମଚୋର ଉପାଧି ଆବୋରି ଚୁପଚାପ ରହିବେ କି ନା ଆପଣ ଟିକେ ଭାବୁନାହାନ୍ତି !

ସେମିତି କୌଣସି ସ୍କୁଲରେ ଜଣେ ଶିକ୍ଷକ କି ଶିକ୍ଷୟିତ୍ରୀ ଥିବେ, ଯିଏ ଚାରି ଚାରିଟା ଶ୍ରେଣୀର ପିଲାଙ୍କୁ ଏକା ପଢାଉଥିବେ, ଏହା ମଧ୍ୟରେ ବ୍ଲକସ୍ତରୀୟ ସୁପରଭାଇଜର, ତ ଜିଲା ସ୍ତରୀୟ ବିଭାଗୀୟ ଅଧିକାରିଣୀ ତ କେତେବେଳେ କେଉଁ ନେତା ମନ୍ତ୍ରୀଙ୍କ ଚେଲା ବିନା ଖବରରେ ପହଞ୍ଚି, କେମିତି ପାଠ ପଢାଉଛନ୍ତି ଅନେକ ପ୍ରଶ୍ନ ପଚାରିବା, ମଧ୍ୟାହ୍ନଭୋଜନ କେମିତି ଚାଲିଛି, ଚାଉଳରେ କିଆଁ ପୋକ ବାହାରିଲା, ଅଣ୍ଡା କାହିଁ ପଚିଲା, ସବୁ ପିଲେ କାହିଁ ଉତ୍ତର ଦେଉନାହାନ୍ତି, ସେ ପିଲାଙ୍କ ନଖ କିଆଁ ବଡ଼ ହେଲା, ସେ ଝିଅ ନାକରୁ ସିଂଘାଣି କାହିଁକି ବୋହିଲା... ଇତ୍ୟାଦି ବିଷୟ ସହ ଶିକ୍ଷାର ଉନ୍ନତି ପାଇଁ ଗାଇଡ୍ କରାନ୍ତି, ତେବେ ପାଠରେ ପିଲାଏ ଉଚ୍ଚକୁ ଯିବେ ନା ଗାଡ଼ରେ ଗଡ଼ି ପଡ଼ିବେ, ଆପଣ ବିଚାରରେ ବୁଝୁଥିବେ। ପିଲା ଦୁଷ୍ଟ ହେଉଛି ଘରେ, ଦିଦି ସାଆରେ ପଢ଼ାଉ ନାହାନ୍ତି ବୋଲି ସଚେତନ ନାଗରିକ ଯଦି ଉପରେ ଅଭିଯୋଗ କରନ୍ତି, ତେବେ ଶିକ୍ଷକ କ'ଣ କେବେ କହିପାରିବେ ଯେ ଆପଣଙ୍କ ଗାଇଡ୍ ହିଁ ଆମକୁ ଗାଡ଼ରେ ପକାଉଛି ନା ଅଭିଯୋଗ କରିପାରିବେ ଜଣକା ଚାରି ଚାରିଟା ବିଭିନ୍ନ ଶ୍ରେଣୀରେ ପଢ଼େଇବା ଅସୁବିଧା ହେଉଛି ବୋଲି! ନା କହିପାରିବେ ପାଠପଢା ଛଡ଼ା ଆମକୁ ଅନ୍ୟ କାମ ଯେମିତିକି ଅନ୍‌ଲାଇନରେ କାଗଜପତ୍ର କାମ କରିବା, ଗାଁ ଗାଁ ସର୍ଭେ କରିବା ଆଦି କାମ ଦିଆଯାଉଛି ବୋଲି। ଯେମିତି ଜଣେ 'ଅଟୋମୋବାଇଲ ଇଞ୍ଜିନିୟର' ନିଜ ଗାଡ଼ି ଖରାପ ହେଲେ ଗ୍ୟାରେଜକୁ ଯାଇ ଅକ୍ଷ ପାଠୁଆ ବା ସ୍କୁଲ ମାଟି ମାଡ଼ି ନ ଥିବା ମେକାନିକକୁ ଗାଡ଼ି ରିପ୍ୟାରିଂ କରିବାକୁ କହିବ। ମେକାନିକ ଦୀର୍ଘ ଅଭିଜ୍ଞତାରୁ ଯାହା ତ୍ରୁଟି ଅଛି ତାକୁ ସଜାଡିଲା ବେଳେ ଇଞ୍ଜିନିୟର ଜଣକ ଅହମିକା ଦେଖାଇ ତାକୁ ବିଭିନ୍ନ ପରାମର୍ଶ ଦେବ ଓ ପ୍ରଶ୍ନ ପଚାରିବ, ତା'ହେଲେ ବିଚରା ମେକାନିକ୍‌ଟି ବିରକ୍ତ ହୋଇ ଭୁଲ୍ କରିବା ଥୟ। ଏଇଠି ବି ବହୁ ଉପଦେଶ.. କାମ ଫସର ଫସ।

ଯଦି ଅଯୋଗ୍ୟଙ୍କୁ ଯୋଗ୍ୟ ଅଧିକାର ପ୍ରାପ୍ତ ହୁଏ ଏବଂ ତାଙ୍କୁ ବି ଅନେକ ଲୋକ ଏକାବେଳେ ପ୍ରଶଂସା କରନ୍ତି, ତେବେ ଛୋଟୀ କି ଶ୍ରୀମତୀ କହିଲେ ଗୋଡ଼ ଦୋହରେଇ ପକେଇଲା ଭଳିଆ, ୟାଙ୍କର ସାର୍, ସାହେବ ସମ୍ବୋଧନ ଶୁଣିଦେଲେ, ତାଙ୍କ କାର୍ଯ୍ୟଶୈଳୀ ଖୁବ୍ ଉଚ୍ଚ ସ୍ତରକୁ ଛୁଇଁ କି ନା ଆପଣଙ୍କ ବିଚାର ହିଁ ଆପଣଙ୍କ ଉତ୍ତର। ସେମିତି ଜଣେ ରୋଗୀଙ୍କୁ ଅତି ଶୀଘ୍ର ଭଲ କରିବାକୁ ବହୁତ ଡାକ୍ତରଙ୍କ ପରାମର୍ଶ, ବହୁତ ପ୍ରକାରିଆ ବହୁତ ଓଷଦ ଗିଳିଲେ, ଅବଶ୍ୟ ନିଶ୍ଚୟ ଏମାନଙ୍କ ଗାଇଡ୍‌ରେ ଗାଡରେ ନ ପସି ସିଧା ଏତେ ଉପରକୁ ଉଠିଯିବ ଯେ, ଜୀବନ ଥାଉ ଥାଉ ସ୍ୱର୍ଗ ଭୁବନ ଦର୍ଶନ ତଥା ଅବସ୍ଥାନର ଅପୂର୍ବ ସୁଯୋଗ ମିଳିବ କି ନା ଆପଣମାନେ ପାଠକେ ଦୟାକରି କହୁ ନାହାନ୍ତି। ଆଜ୍ଞା , ଏବେ ଆମ ପଡ଼ୋଶୀ ଦେଶର ଅବସ୍ଥା ସେମିତି। ଯେବେ ଅସଲ ନେତା ବା ପ୍ରଧାନମନ୍ତ୍ରୀ ଦେଶର ଗୁରବୀ ନ ହୋଇ, ଅନେକ ଆତଙ୍କବାଦୀ ଅବା ସେନାଗଣ ଦେଶକୁ ଗାଇଡ କରନ୍ତି, ତେବେ ତାହା ଗାଇଡ ନହୋଇ କେମିତି ଗାଡ଼ରେ ପକାଇ ମରଣ ବା ଧ୍ୱଂସ ଆଡକୁ ନେଇପାରେ, ତାହା ପାଠକେ ଆପଣେ ବିଚାରି କହିବେ। ଦେଖନ୍ତୁ ,ବହୁ ଗୁରବିରେ ମରିବା ସାର ହେଉଛି କି ନା, ସମୟ କହିବ।


– ମଙ୍ଗରାଜପୁର, ପୁରୀ
ମୋ: ୭୦୦୮୧୮୮୮୪୭

## ପୁସ୍ତକ ସମୀକ୍ଷା

### ସ୍ମୃତି ସୌରଭ

**ଅଧ୍ୟାପକ ଭାବଗ୍ରାହୀ ବଳ, ପ୍ରକାଶକ– ଗ୍ରନ୍ଥଲିପି ପବ୍ଲିଶର ଭୁବନେଶ୍ୱର, ମୂଲ୍ୟ–୨୫୧ଟଙ୍କା**

ସଂକଳନଟି ବିଭିନ୍ନ ବର୍ଗର ଗଦ୍ୟ ରଚନାରେ ସମୃଦ୍ଧ। ୫୨ଟି ଭ୍ରମଣ କାହାଣୀ ଏଥିରେ ପ୍ରକାଶିତ ହୋଇଛି। ଆଲେକ୍‌ଜାଣ୍ଡାର ଓ ଭାରତୀୟ ସନ୍ନ୍ୟାସୀ ପାଖରୁ ଆରମ୍ଭ ହୋଇ ତୈଲଙ୍ଗସ୍ୱାମୀ ଓ ଭକ୍ତ ଉମାଚରଣଙ୍କ ପାଖରେ ଶେଷ ହୋଇଛି। ଏଥିରେ ଭିନ୍ନ ଭିନ୍ନ ଭ୍ରମଣ କାହାଣୀ ସମ୍ବଳିତ ଲେଖା ସନ୍ନିବେଶିତ ହୋଇଛି। ଅଧିକାଂଶ ଲେଖା ଲେଖକୀୟ ସ୍ମୃତି ଓ ଅନୁଭୂତିକୁ ଆଧାର କରି ଲିଖିତ। ପ୍ରତିଟି ଲେଖା ଭିନ୍ନ ଭିନ୍ନ କାଳଖଣ୍ଡର ଚିତ୍ର ଅଙ୍କନ କରିଛି। ବିଭିନ୍ନ ସ୍ଥାନକୁ ଭ୍ରମଣରେ ଯାଇଥିବା ବେଳେ ଲେଖକ ସ୍ମୃତି ସାଉଁଟିଛନ୍ତି। ସେହିପରି ପ୍ରାଚୀନ ସଂସ୍କୃତିର




ସନ୍ତକ ଓଳିଆ ଓ ଡିଙ୍କି ମଧ୍ୟ ତାଙ୍କ ଦୃଷ୍ଟିରୁ ବାଦ୍ ପଡିନାହିଁ। ବୈଚିତ୍ର୍ୟମୟ ବିଶ୍ୱ ଯୁଗଯୁଗ ଧରି ପର୍ଯ୍ୟଟକଙ୍କ ପାଇଁ ବିସ୍ମୟ ସୃଷ୍ଟି କରି ଆସିଛି। ଯାହାକୁ ନେଇ ଅଧ୍ୟାପକ ବଳ ସ୍ମୃତି ହିସାବରେ ସାଉଁଟି ସୌରଭଭାବେ ପାଠକଙ୍କୁ ଭେଟି ଦେଇଛନ୍ତି। ପୁସ୍ତକରେ ଅନେକ ଉପାଦେୟ ଓ ଶିକ୍ଷଣୀୟ ଲେଖା ସ୍ଥାନିତ ହୋଇଛି। ଯାହା ପାଠକଙ୍କୁ ନିଆରା ଅନୁଭୂତି ଦେବ ।

### ଏକଶହ ଭାରାକ୍ରାନ୍ତ ଜହ୍ନରାତି

**ରବିପ୍ରିୟ ଦାଶ, ପ୍ରକାଶକ– ରବିପ୍ରିୟ ଦାଶ
ସା/ପୋ: ନରଶଗଡ, ଜିଲା: ଖୋର୍ଦ୍ଧା । ମୂଲ୍ୟ– ୩୦୦ଟଙ୍କା**

ପୁସ୍ତକରେ ୧୦୦ଟି କବିତା ପ୍ରକାଶିତ ହୋଇଛି। କବିଟିଏ ସଦା ଜ୍ୱଳନ ଭିତରେ ଘାରି ହେଉଥାଏ । କିଛି ଅବସୋସକୁ ନେଇ ଭାବନାରେ ପହଁରୁଥାଏ । ବ୍ୟକ୍ତି ଅନୁଭୂତିକୁ ବିଶ୍ୱାୟିତ କରିବାରେ ମଧ୍ୟ ଉନ୍ମୁଖ ରହେ । ଯଥାସମ୍ଭବ ପ୍ରଚେଷ୍ଟା ସଂଘାତ– ସଂଘଟନର ଗନ୍ଧ ବୋଝ ଧରି ଭାରାକ୍ରାନ୍ତ କରେ ଜହ୍ନରାତିକୁ। ଜହ୍ନ ଆଉ ଜହ୍ନ ହୋଇ ରହେନାହିଁ। ଫୁଲେଇ ଜହ୍ନିଫୁଲପରି ତୋରା ଦିଶେନାହିଁ। ଅନିର୍ବାଚିତ ସ୍ୱପ୍ନ ନେଇ ଉର୍ବଶୀର ଗାଁକୁ କବି ଗଲାବେଳେ ସବୁ ପରିଚିତି ଆଖି ଚାହିଁଥାନ୍ତି



କ୍ୟାବିନକୁ ଆଉଜି ଯେଉଁଠି ନିଶ୍ଚୁପ ଥାଏ ଭାରାକ୍ରାନ୍ତ ଜହ୍ନରାତି । ଜୀବନର ଉପଲବ୍ଧି, କଳ୍ପନା ଓ ମୁକ୍ତ ମାନବୀୟଚେତନାର ସଫେଦ ଚଅଁର ଧରି ଚିନ୍ତା ଓ ଭାବନାରେ କ୍ରମବିବର୍ତ୍ତନ ପଥରେ ବ୍ୟଞ୍ଜନାର ବହୁମୁଖି ବୈଚିତ୍ର୍ୟର ସନ୍ଧାନ କରନ୍ତି କବି । ପୁସ୍ତକଟିର ଭାଷା ବିନ୍ୟାସ, ଉପସ୍ଥାପନା ଶୈଳୀ ଖୁବ୍ ସୁନ୍ଦର। ପୁସ୍ତକର ଯେ କୌଣସି କବିତା ପଢିବେ ତାହା ସୁଖପାଠ୍ୟ।

### ଜନ ଜୀବନର ଚିତ୍ର

**ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, ପ୍ରକାଶକ– ଇନ୍ଦ୍ରମଣି ତ୍ରିପାଠୀ
ବଡ଼ଗଡ଼ ବ୍ରିଟ୍ କଲୋନୀ, ଭୁବନେଶ୍ୱର, ମୂଲ୍ୟ– ୨୦୦ଟଙ୍କା**

ଲେଖକଙ୍କର ଏହା ପ୍ରଥମ ପ୍ରବନ୍ଧ ସଂକଳନ। ଏଥିରେ ୨୭ଟି ପ୍ରବନ୍ଧ ସ୍ଥାନ ପାଇଛି। ଆମ ସମାଜରେ ଏମିତି କିଛି ଲୋକ ରହିଥାନ୍ତି, ଯେଉଁମାନେ ନିଜକୁ ନିଜେ ମନେ କରନ୍ତି ଅତ୍ୟନ୍ତ ବିଜ୍ଞ। ତାଙ୍କ ଦୃଷ୍ଟିରେ କେବଳ ସେଇମାନେ ହିଁ ପଣ୍ଡିତ, ଆଉ ଦୁନିଆର ଅନ୍ୟ ସମସ୍ତେ ଅଜ୍ଞାନ, ମୂର୍ଖ ପାମର। ସେଇଠି ଆମକୁ ମନେ ରଖିବାକୁ ହେବ ଯେ, ଯିଏ ନିଜକୁ ସର୍ବଶ୍ରେଷ୍ଠ ଜ୍ଞାନୀ ମନେକରେ ସଂସାରରେ ତା'ଠାରୁ ବଡ ମୂର୍ଖ ଅନ୍ୟ କେହି ନାହିଁ। (ଜନଜୀବନର ଚିତ୍ର: ଲୋକ ଚରିତ୍ର)। ସେହିପରି ଶୁଣରେ ମଣିଷ ଭାଇ ପ୍ରବନ୍ଧରେ ତ୍ରିପାଠୀ ଲେଖିଛନ୍ତି, ସବୁ ବିଷୟରେ ଚିନ୍ତା କଲାବେଳେ ଆମ ମନ ହୃଦୟକୁ ଖୋଲା ରଖିବାର ଆବଶ୍ୟକତା ରହିଛି। ନଚେତ୍ ଠିକ୍ କଥା ବି ଆମ ହୃଦୟକୁ ପ୍ରବେଶ କରି ପାରିବ ନାହିଁ। ଏହା ମଧ୍ୟ ଆମକୁ ମନେ ରଖିବାକୁ ହେବ ଯେ, ଏବେ ମଧ୍ୟ ଆମ ସମାଜରେ ଅନ୍ଧ ବିଶ୍ୱାସ ରହିଛି। ପ୍ରତିଦିନ ଏହାର ଶିକାର ହେଉଛନ୍ତି ନୀରିହ ମଣିଷ । (ପୃଷ୍ଠା ୧୪୫)। ପୁସ୍ତକର ଯେ କୌଣସି ପ୍ରବନ୍ଧ ପଢନ୍ତୁ ତାହା ସମାଜ ଉପଯୋଗୀ ଏବଂ ହୃଦୟସ୍ପର୍ଶୀ ।




ବ୍ୟାକ୍ ପେଜ୍

# ପକ୍ଷୀ ହୋଇ ଚାଲିଲେ ୮୫ କି.ମି.

ଏମିତି ଅନେକ ଲୋକ ଅଛନ୍ତି ଯେଉଁମାନେ କି ବିଭିନ୍ନ ପ୍ରାଣୀଙ୍କୁ ଭଲ ପାଆନ୍ତି। ସେମିତି ଜଣେ ବ୍ୟକ୍ତି ହେଉଛନ୍ତି ବ୍ରିଟେନ୍‌ର ମ୍ୟାଟ ଟ୍ରେଭିଲେନ୍। ତାଙ୍କୁ ଏକ ଖାସ୍ ପ୍ରଜାତିର ଚଢେଇ ଏତେ ପସନ୍ଦ ଯେ, ସେ ସେହି ଚଢେଇର କଷ୍ଟ୍ୟୁମ୍ ପିନ୍ଧି ରାସ୍ତାଘାଟ ବୁଲୁଛନ୍ତି। ୟୁରେଶିୟାନ କର୍ଲ୍ୟୁ ନାମକ ଏହି ଚଢେଇ ବିରଳ ପ୍ରଜାତିର ଅଟେ, ଯାହାର ସତ୍ତା ଲୋପ ପାଇବାକୁ ବସିଲାଣି। ତେଣୁ ଏ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲାଗି ସେ ଏହି ଚଢେଇର ଏକ ବଡ଼ କଷ୍ଟ୍ୟୁମ ପିନ୍ଧି ୮୫ କି.ମି. ପାଦରେ ଚାଲି ଚାଲି ଅତିକ୍ରମ କରିଛନ୍ତି। ନ୍ୟୁୟର୍କପୋଷ୍ଟ ୱେବସାଇଟ୍



ଅନୁସାରେ ୪୬ ବର୍ଷୀୟ ମ୍ୟାଟ ଇଂଲଣ୍ଡର ଅଟନ୍ତି। ସେ ଏକ ଫାର୍ମିଂ ଇନ୍ ପ୍ରୋଟେକ୍ଟେଡ ଲାଣ୍ଡସ୍କେପ ଅଫିସର୍ ଅଟନ୍ତି। ତାଙ୍କୁ ୟୁରେଶିୟାନ୍ କର୍ଲ୍ୟୁ ଚଢେଇ ଖୁବ୍ ପସନ୍ଦ। ହେଲେ ବ୍ରିଟେନ୍‌ରେ ଏହି ଚଢେଇ ଲୋପ ପାଉଥିବାରୁ ଏ ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ଲାଗି ସେ ଫ୍ଲିଟ ବାମ୍ବୁ, ମସ୍ଲିନ ଓ ପଲିଏଷ୍ଟରରେ ଏହି ଚଢେଇର ଏକ ବଡ଼ କଷ୍ଟ୍ୟୁମ ତିଆରି କରିଥିଲେ। ଆଉ ଏହାକୁ ପିନ୍ଧି ସେ ପ୍ରଥମ ଦିନ ୪୫ କି.ମି. ଚାଲିଥିଲେ। ଦ୍ୱିତୀୟ ଦିନ ସେ ଆଉ ବାକି ୪୦ କି.ମି ରାସ୍ତା ଚାଲିଥିଲେ। ୨୧ ଏପ୍ରିଲ ବିଶ୍ୱ କର୍ଲ୍ୟୁ ଦିବସ ହୋଇଥିବାରୁ ସେ ସେହିଦିନ ହିଁ ଯାତ୍ରା ଆରମ୍ଭ କରିଥିଲେ।



# ମରୁଭୂମିରେ କଇଁଛ ଘର



ମଙ୍ଗୋଲିଆର ବିସ୍ତୀର୍ଣ୍ଣ ଗୋବି ମରୁଭୂମିରେ ଗଲାବେଳେ ନଜରକୁ ଆସିବ ଏକ ବିରାଟକାୟ କଇଁଛ। ଆଶ୍ଚର୍ଯ୍ୟ ଲାଗିବ ମରୁଭୂମିରେ ପୁଣି ଏତେ ବଡ଼ କଇଁଛ ଆସିଲା କେଉଁଠୁ ? ହେଲେ ପାଖକୁ ଗଲେ ଜାଣିପାରିବେ ତାହା ଏକ କଇଁଛ ଆକୃତିର ଘର, ଯାହାକି ଦକ୍ଷିଣ ଗୋବି ମରୁଭୂମିର ଫ୍ଲେମିଂ କ୍ଲିଫ୍ ନିକଟରେ ଅଛି। ଏହା କେବେ ପର୍ଯ୍ୟଟକଙ୍କ ପାଇଁ କ୍ୟାମ୍ପ ସାଜେ ତ କେବେ ସାଜେ କାଫେ ଅବା ରେଷ୍ଟ ଷ୍ଟପ୍। ଉକ୍ତ ବିରାଟ କଇଁଛର ଖୋଳପା ତଳେ ଅଛି ଏହାର କୋଠରୀଗୁଡ଼ିକ। ଗୋବି ମରୁଭୂମିରେ ଏହା ପର୍ଯ୍ୟଟକଙ୍କର ମୁଖ୍ୟ ଆକର୍ଷଣ ପାଲଟିଛି। ଏଠି ପର୍ଯ୍ୟଟକଙ୍କୁ ରିଫ୍ରେସ୍‌ମେଣ୍ଟ ସହ ସ୍ୱାଦିଷ୍ଟ ଖାଇବା ଓ ଆରାମ ମିଳେ। ଆଉ ପାଆନ୍ତି ଏକ ନିଆରା ଅନୁଭୂତି।

# ଟଏଲେଟ୍ ସଫା କରିବ ରୋବୋ




ପବ୍ଲିକ୍ ରେଷ୍ଟରୁମ୍‌ଗୁଡ଼ିକରେ ଥିବା ଟଏଲେଟ୍‌ର ଅବସ୍ଥା କେମିତି ଥାଏ ସମସ୍ତେ ଜାଣନ୍ତି। ଭିତରକୁ ପଶିବା ପାଇଁ ବି ବେଳେବେଳେ ଇଚ୍ଛା ହୁଏନା। ଏମିତିରେ ଯେଉଁମାନେ ଏହାକୁ ସଫା କରନ୍ତି ସେମାନେ କେତେ କଷ୍ଟରେ ନିଜ କାମ କରନ୍ତି ତାହା ଅନୁମାନ କରିହେବ। ଏହାକୁ ନଜରରେ ରଖି ହିଁ ତିଆରି କରାଯାଇଛି ଏମିତି ଏକ ରୋବୋ ଯାହାକି ପବ୍ଲିକ୍ ରେଷ୍ଟରୁମ୍‌ଗୁଡିକର ଟଏଲେଟ୍ ସଫା କରିବ। ସୋମାଟିକ୍ କମ୍ପାନୀର ଟଏଲେଟ୍ ସଫା କରୁଥିବା ଏହି ରୋବୋର ଲକ୍ଷ୍ୟ ହେଉଛି ପବ୍ଲିକ ରେଷ୍ଟରୁମ୍ ଗୁଡିକୁ ଅଧିକ ହାଇଜେନିକ କରିବା। ଏହି ରୋବୋ ରେଷ୍ଟରୁମ୍‌ରେ ବୁଲି ବୁଲି ଟଏଲେଟ୍ ଚିହ୍ନଟକରି ତାକୁ ସଫା କରିପାରିବ। ଟଏଲେଟ୍‌କୁ ସେ ଘଷିବା ସହ ଡିସ୍‌ଇନଫେକ୍ଟ କରେ ଓ ତାକୁ ସୁଖାଏ ମଧ୍ୟ। ଏହି ରୋବୋରେ ସେନ୍ସର, କ୍ୟାମେରା ଏବଂ ୱାଟରଟ୍ୟାଙ୍କ ଅଛି। ଦୂରରେ ଥାଇ ବି ଏହାକୁ ମୋବାଇଲ ଆପ୍ ଦ୍ୱାରା କଣ୍ଟ୍ରୋଲ କରିହୁଏ। ଏହାକୁ ତିଆରି କରିବାର ଉଦ୍ଦେଶ୍ୟ ହେଉଛି ପବ୍ଲିକ୍ ରେଷ୍ଟରୁମ୍‌ର ଟଏଲେଟ୍ ସଫା କରୁଥିବା ବ୍ୟକ୍ତିଙ୍କ କାର୍ଯ୍ୟଭାର କମାଇବା ଓ ପବ୍ଲିକ୍ ରେଷ୍ଟରୁମ୍ ବ୍ୟବହାର କରୁଥିବା ଲୋକଙ୍କୁ ଏକ ଭଲ ତଥା ସୁଖଦ ଅନୁଭୂତି ଦେବା।